## Odisha Legislative Assembly

**ପଞ୍ଚଦଶ ଅଧିବେଶନ**

# ୦୯ ଫେବୃୟାରୀ ୨୦୨୪

----

: **[ମହିଳା ଓ ଶିଶୁ ବିକାଶ - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସରକାରୀ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ - ଶକ୍ତି - ଶିଳ୍ପ ମିଶନ ଶକ୍ତି ].**

**ମୋଟ ପ୍ରଶ୍ନର ସଂଖ୍ୟା - 134**

----

## ଜଳଭଣ୍ଡାର ଶକ୍ତି ପ୍ରକଳ୍ପ ଯୋଗୁଁ କୋଟିଆ ପଞ୍ଚାୟତରେ ଗ୍ରାମ ପ୍ରଭାବିତ

166 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆନ୍ଧ୍ର ସରକାର ଆନ୍ଧ୍ରର କୁହୁକୁଟି ଓ ଓଡିଶାର କୋଟିଆ ପଞ୍ଚାୟତର ଗଞ୍ଜେଇ ପଦର ଠାରେ ଯେଉଁ ଜଳ ଭଣ୍ଡାରର ଶକ୍ତି ପ୍ରକଳ୍ପ କରୁଛନ୍ତି ସେଥିରେ କୋଟିଆ ପଞ୍ଚାୟତର 12 ଟି ଗ୍ରାମ ପ୍ରଭାବିତ ହେବାକୁଥିବା ବେଳେ ଓଡିଶା ସରକାର ନୀରବ ରହୁଥିବାର କାରଣ କଣ ଏ ସକ୍ରାନ୍ତରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାର ଯେଉଁ ବୈଠକ ବସିଥିଲା ସେଥିରେ ଓଡିଶାର ସରକାରଙ୍କ କେଉଁ ଅଫିସର ଉପସ୍ଥିତି ଥିଲେ ସେଠାରେ କଣ ଆଲୋଚନା ହୋଇଥିଲା ଓଡିଶା ପକ୍ଷରୁ ଏହି ବୈଠକରେ କଣ ଆଭିମୁଖ୍ୟ ରହିଛି ?

----

## ଶିଳ୍ପ ଅନଗ୍ରସର ତଥା ପଛୁଆ ଜିଲ୍ଲା ଭାବେ ପରିଗଣିତ

404 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଶିଳ୍ପ ଅନଗ୍ରସର ତଥା ପଛୁଆ ଜିଲ୍ଲା ଭାବେ କେଉଁ କେଉଁ ଜିଲ୍ଲାକୁ ପରିଗଣିତ କରାଯାଉଛି ; ଏଥିରେ ଭଦ୍ରକ ଜିଲ୍ଲା ଅଛି କି ନାହିଁ ; କେଉଁ ମାପକାଠିରେ ଅନଗ୍ରସର ବା ଅଗ୍ରସର ଗଣନା କରାଯାଏ କହିବେ କି?

----

## ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ

405 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ବାଣିଜୀକ ଓ ବୈଷୟିକ କ୍ଷତି ହ୍ରାସ କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ରାଜ୍ୟରେ ମୋଟ ସମସ୍ତ ଶ୍ରେଣୀର consumer ସଂଖ୍ୟା କେତେ ; ସମସ୍ତ କ୍ଷେତ୍ରରୁ ଉତ୍ପାଦିତ ହେଉଥିବା ବିଦ୍ୟୁତ ଶକ୍ତିର ପରିମାଣ କେତେ ; ରାଜ୍ୟରେ ଆବଶ୍ୟକତା ପଡୁଥିବା ବିଦ୍ୟୁତ ଶକ୍ତିର ପରିମାଣ କେତେ ?

----

## Old Age Home ଖୋଲିବାର ବ୍ୟବସ୍ଥା

406 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଅନ୍ଧ, ମୂକ ଓ ବଧିର କେଉଁ ଜିଲ୍ଲାରେ କେତେ ଓ ଏମାନଙ୍କ ପାଇଁ ଭତ୍ତା ବାହାରେ ଆଉ କି ସୁବିଧା ଯୋଗାଇ ଦିଆଯାଉଅଛି ; ଏମାନଙ୍କ ପାଠ ପଢିବା ପାଇଁ କେଉଁ କେଉଁ ଜିଲ୍ଲାରେ ଅନୁଷ୍ଠାନମାନ ରହିଅଛି ଜଣାଇବେ କି ; (ଖ) ମଧୁବାବୁ ପେନସନ୍ ପରି National Pension କେବେ ଠାରୁ Panchayat ରେ ପାଇବା ସୁବିଧା ହେବ ଏବଂ ନର୍ଲା ନିର୍ବାଚନ ମଣ୍ଡଳୀରେ ଗୋଟିଏ Old Age Home ଖୋଲିବାର ବ୍ୟବସ୍ଥା କରିବେ କି ; M. Rampur ଠାରେ ରହିଥିବା Old Age Home କେନ୍ଦ୍ରଦ୍ୱାରା ପରିଚାଳିତ ହେଉଛି ଏବଂ ଏଥିରେ ଅଧିକ ଶଯ୍ୟାର ବ୍ୟବସ୍ଥା କରିବେ କି?

----

## IDCO ମାଧ୍ୟମରେ ଶିକ୍ଷାନୁଷ୍ଠାନକୁ ଜମି ଦେବା

407 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

IDCO ମାଧ୍ୟମରେ କେଉଁ କେଉଁ ଶିକ୍ଷାନୁଷ୍ଠାନକୁ କି ସର୍ତ୍ତରେ ଜମି ଦିଆଯାଇଅଛି ଓ ଉକ୍ତ ଶିକ୍ଷ ସଂସ୍ଥାମାନେ କି କି Industries ଆରମ୍ଭ କରିଛନ୍ତି ଜିଲ୍ଲାୱାରୀ ତାଲିକା ସହିତ କାହାକୁ କେତେ ଏକର ଜମି ଦିଆଯାଇଛି ; କେଉଁ କେଉଁ ମାନେ ଜମି ପାଇଲା ପରେ କାର୍ଯ୍ୟ ଆରମ୍ଭ କରିନାହାଁନ୍ତି, କାର୍ଯ୍ୟ ଆରମ୍ଭ କରିନଥିଲେ କଣ ସର୍ତ୍ତ ରଖାଯାଇଛି?

----

## ଶିକ୍ଷସଂସ୍ଥାର ଅଭିବୃଦ୍ଧି

408 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଗତ 2012 ମସିହା ବେଳକୁ କେତେ ପରିମାଣର ଶିଳ୍ପାନୁଷ୍ଠାନ ଗଢିଉଠିଥିଲା ; 2023 ଡିସେମ୍ବର ସୁଦ୍ଧା ଏହାର ପରିମାଣ କେତେ ରହିଛି ; ବର୍ତ୍ତମାନ ବୃହତ ଶିଳ୍ପ ସଂସ୍ଥାର ପରିମାଣ କେତେ ; ସେଥିମଧ୍ୟରେ କେତେ ଶିଳ୍ପସଂସ୍ଥା କାର୍ଯ୍ୟକ୍ଷମ ରହିଛି ଓ କେତୋଟି ବୃହତ ଶିଳ୍ପ ବନ୍ଦ ହେବା ଅବସ୍ଥାରେ ତାହା ସ୍ପଷ୍ଟ କରିବେ କି?

----

## ଭିନ୍ନକ୍ଷମ ଯୁବକ/ଯୁବତୀଙ୍କୁ ନିଯୁକ୍ତି

409 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେତେ ସଂଖ୍ୟକ ବେକାରୀ ଭିନ୍ନକ୍ଷମ ଶିକ୍ଷିତ ଯୁବକ ଯୁବତୀ ସରକାରୀ ଚାକିରୀ ପାଇଁ ନାମ ପଞ୍ଜିକରଣ କରିଛନ୍ତି ; ଗତ 10 ବର୍ଷ ମଧ୍ୟରେ କେତେ ଜଣ ଆଶାୟୀଙ୍କୁ ସରକାରୀ ସ୍ତରରେ ନିଯୁକ୍ତି ମିଳିଛି ; କୋରାପୁଟ ଜିଲ୍ଲାର ଏହି ସଂଖ୍ୟା କେତେ ; ସରକାରୀ ନିଯୁକ୍ତି ଅପେକ୍ଷାରେ ଥିବା ପ୍ରାର୍ଥୀଙ୍କୁ କେବେ ସୁଦ୍ଧା ନିଯୁକ୍ତି ପ୍ରଦାନ କରାଯିବ ତାହା ସ୍ପଷ୍ଟ କରିବେ କି?

----

## ପାଉଁଶ ପୋଖରୀ ବନ୍ଧ ଭାଙ୍ଗି ବ୍ୟାପକ କ୍ଷତି

410 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

**କେଉଁ ପଦାଧିକାରୀଙ୍କ ଦାୟିତ୍ୱହୀନତାରୁ ଓପିଜିସି ପାଉଁଶ ପୋଖରୀ ବନ୍ଧ ଭାଙ୍ଗି ବ୍ୟାପକ କ୍ଷତି ହେଲା, ସରକାର ତଦନ୍ତ କଲେଣି କି, ଯଦି ହଁ, ତେବେ ଦାୟୀ ଅଫିସରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କଣ, ପାଉଁଶ ମଣ୍ଡ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଫସଲ ବାବଦରେ ଚାଷୀଙ୍କୁ କେତେ ଟଙ୍କା କ୍ଷତି ପୂରଣ ଦିଆଯାଇଛି ଓ ସେମାନଙ୍କ ନଷ୍ଟ ଜମିକୁ ଚାଷୋପଯୋଗୀ କରାଇବା ପାଇଁ ଆଉ କେତେ ଖର୍ଚ୍ଚ ହେବ, କହିବେ କି ?**

----

## ମହିଳା ଓ ଶିଶୁ ରକ୍ତହୀନତା ଓ ଅପ ପୃଷ୍ଟିରେ ଆକ୍ରାନ୍ତ

411 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କେ.ବି.କେ. ସମେତ ଜନଜାତି ଅଧ୍ୟୁଷିତ ଜିଲ୍ଲା ଗୁଡିକରେ କେତେ ପ୍ରତିଶତ ମହିଳା ଓ ଶିଶୁ ରକ୍ତହୀନତା ଓ ଅପ ପୃଷ୍ଟିରେ ଆକ୍ରାନ୍ତ - ଗତ 5 ବର୍ଷର ତଥ୍ୟ ଦେବା ସହ ସେସବୁ ଜିଲ୍ଲାରେ କେତେ ପ୍ରତିଶତ ବାଳିକା 18 ବର୍ଷ ବୟସ ପୂର୍ବରୁ ବିବାହ କରନ୍ତି, ଜଣାଇବେ କି ?

----

## OLM ଓ NLM ବାବଦକୁ ଅର୍ଥ ବ୍ୟବସ୍ଥା

412 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ OLM ଓ କେନ୍ଦ୍ର ସରକାର ଙ୍କ NLM ବାବଦକୁ ପୃଥକ ପୃଥକ ଭାବେ କେତେ ଅର୍ଥ ବ୍ୟବସ୍ଥା ରହିଛି, ସେଥିରୁ କେତେ ଅର୍ଥ ବିନିଯୋଗ ହୋଇଛି ; ଏହାର ସବିଶେଷ ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେ କି ?

----

## ଅଙ୍ଗନୱାଡି କର୍ମୀ ମାନଙ୍କ ଦରମା ବୃଦ୍ଧି

413 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅଙ୍ଗନୱାଡି କର୍ମୀ ମାନେ ସରକାରଙ୍କ ଅନେକ କାର୍ଯ୍ୟକୁ ସମ୍ପାଦନ କରୁଥିବାରୁ ସେମାନଙ୍କ ଦରମା ବୃଦ୍ଧି ପାଇଁ ସରକାରଙ୍କ ପାଖରେ ବାରମ୍ବାର ଗୁହାରୀ କରିବା, ସରକାର ତାଙ୍କ ଗୁହାରୀକୁ ନ ଶୁଣିବା ସତ୍ୟ କି, ଯଦି ସତ୍ୟ ତେବେ ତାଙ୍କ ଦରମା ବୃଦ୍ଧି ପାଇଁ କଅଣ ଚିନ୍ତା କରିଛନ୍ତି କହିବେ କି ?

----

## ବଲାଙ୍ଗୀର ଜିଲ୍ଲାରେ ଏକ Spinning Mill-cum- Textile Park ନିର୍ମାଣ

414 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବଲାଙ୍ଗୀର ଜିଲ୍ଲା ତଥା ନିକଟବର୍ତ୍ତୀ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଉତ୍ପାଦିତ କପାକୁ ବ୍ୟବହାର କରି ଓ ବଲାଙ୍ଗୀର ତଥା ନିକଟବର୍ତ୍ତୀ ଜିଲ୍ଲାମାନଙ୍କର ବୁଣାକାରମାନଙ୍କୁ ଦୃଷ୍ଟିରେ ରଖି ସରକାରୀ ଉଦ୍ୟୋଗ କିମ୍ବା PPP mode ବା ବେସରକାରୀ ଉଦ୍ୟୋଗସ୍ତରରେ ବଲାଙ୍ଗୀର ଜିଲ୍ଲାରେ ଏକ Spinning Mill-cum- Textile Park ସ୍ଥାପନ କରିବା ପ୍ରସ୍ତାବକୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବେକି?

----

## ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି

415 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ବିଜ୍ଞାପନ ଓ ହୋର୍ଡିଙ୍ଗରେ ରାଜ୍ୟ ସରକାର ରାଜ୍ୟସାରା ରାଜକୋଷରୁ ଅଜସ୍ର ପାଣ୍ଠି ବିନିଯୋଗ କରୁଥିବାବେଳେ MBPY ଓ NSOP ଯୋଜନା ଜରିଆରେ ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ହିତାଧିକାରୀଙ୍କ ମାସିକ ଭତ୍ତାକୁ 2000 ଟଙ୍କାକୁ ବୃଦ୍ଧି କରିବାକୁ ସରକାର ପ୍ରସ୍ତାବ ନାହିଁ କହି ଭତ୍ତା ବୃଦ୍ଧି ପ୍ରସଙ୍ଗକୁ ସରକାର ବିଧାନସଭାରେ ଏଡାଇ ଯିବାର କାରଣ ସହ ସମ୍ବିଧାନର କେଉଁ କ୍ଷମତା ବଳରେ ବିଧାନସଭା ବାହାରେ ଭତ୍ତା ବୃଦ୍ଧି କରିବାର ପ୍ରତିଶୃତି ଦେଉଛନ୍ତି ତା ଉପରେ ସରକାର ସ୍ୱଷ୍ଟୀକରଣ ଦେବେକି (ଖ) ବଜାର ମୂଲ୍ୟରେ ବୃଦ୍ଧି ଯୋଗୁଁ ଦୟନୀୟ ଅବସ୍ଥାରେ ଥିବା MBPY ଓ NSOP ଯୋଜନାର ହିତାଧିକାରୀମାନଙ୍କ ମାସିକ ଭତ୍ତାକୁ ଅତିଶିଘ୍ର 2000 ଟଙ୍କାକୁ ବୃଦ୍ଧି କରାଯିବାକୁ ସରକାରଙ୍କ ନିକଟରେ ଜନସାଧାରଣଙ୍କ ପ୍ରତିନିଧିଭାବରେ ପ୍ରସ୍ତାବ ଉପସ୍ଥାପନ କରୁଛି, ଏ ସମ୍ବନ୍ଧୀୟ ପ୍ରସ୍ତାବ ଉପରେ ମତାମତ ସହ ସ୍ୱଷ୍ଟୀକରଣ ଦେବେକି?

----

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଅର୍ଥ ପ୍ରଦାନ

416 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମିଶନ ଶକ୍ତିରେ ଏବେ ଓଡିଶାରେ କେତେ ମହିଳା, କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟାନ୍ୟ ସଂଗଠନ ସଂପୃକ୍ତ ଅଛନ୍ତି, ମହିଳା ସଶକ୍ତିକରଣ ପାଇଁ ଯେକୌଣସି କାର୍ଯ୍ୟକ୍ରମ ଚାଲୁଛି ସେଥିପାଇଁ ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡିଶାକୁ କେନ୍ଦ୍ର ସରକାର କେତେ ଅର୍ଥ ଯୋଗାଇଛନ୍ତି ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଆଉ କେତେ ଅର୍ଥ ବ୍ୟବସ୍ଥା କରିଛନ୍ତି?

----

## ମହିଳା ଓ ଶିଶୁ ଅପପୃଷ୍ଟି ଦ୍ୱାରା ଶୀକାର

417 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜାତୀୟ ସ୍ୱାସ୍ଥ୍ୟ ସର୍ଭେର ସର୍ବଶେଷ ତଥ୍ୟ ମୁତାବକ ଓଡିଶାରେ କେତେ ମହିଳା ଓ ଶିଶୁ ଅପପୃଷ୍ଟି ଓ ରକ୍ତହିନତା ଆଦିରୁ ଶୀକାର ହେଉଛନ୍ତି, ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ଅପରାଧ କ୍ଷେତ୍ରରେ ମାମଲା ଫଇସଲା ହାର ଓ ଦଣ୍ଡବିଧାନ ହାର ଜାତୀୟ ହାର ଠାରୁ ଢେର କମ ରହୁଥିବା ତଥ୍ୟ ସରକାରଙ୍କର ନଜରକୁ ଆସିଛି କି, ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଶିକ୍ଷ ସଂସ୍ଥା ଦ୍ୱାରା ନିଯୁକ୍ତି

418 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ କେଉଁ ଜିଲ୍ଲାରେ କେଉଁ ବର୍ଷ କେତେ ବ୍ୟୟ ଅଟକଳରେ କେତେଗୋଟି କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଅନୁମୋଦନ କରିଛନ୍ତି, ସଂପୃକ୍ତ ଶିଳ୍ପ ପାଇଁ କେତେ ଟଙ୍କାର ପୁଂଜିନିବେଶ ପାଇଁ ପ୍ରସ୍ତାବ ଅଛି ଏବଂ କେତେ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି ହେବାର ପ୍ରତିଶୃତି ମିଳିଛି, (ଖ) 2019 2020 ରୁ 2023 2024 ବର୍ଷ ମଧ୍ୟରେ ମୟୁରଭଂଜ ଜିଲ୍ଲାର କେଉଁ କେଉଁଠାରେ କେତେ ପୁଂଜି ନିବେଶରେ କେତେଗୋଟି କେତେ କ୍ଷମତା ବିଶିଷ୍ଟ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାର ପ୍ରସ୍ତାବ ଗ୍ରହଣ କରିଥିଲେ ଏବଂ କେଉଁ ବର୍ଷ କେତେଗୋଟି ଶିଳ୍ପକୁ ଅନୁମୋଦନ କରିଥିଲେ, ଅନୁମୋଦନ ଲାଭ କରିଥିବା କେଉଁ କେଉଁ ଶିଳ୍ପ କେବେ ପ୍ରତିଷ୍ଠା କରାଯାଇଥିଲା ଏବଂ ସଂପୃକ୍ତ କେଉଁ କେଉଁ ଶିଳ୍ପରେ କେତେ ନିଯୁକ୍ତି ସୃଷ୍ଟି ହେବାର ପ୍ରତିଶୃତି ମିଳିଥିଲା ଏବଂ ବାସ୍ତବରେ କେତେ ନିଯୁକ୍ତି ମିଳିଥିଲା ତାର ଶିଳ୍ପୱାରୀ ବିବରଣୀ ପ୍ରଦାନ କରିବେକି?

----

## ଶିଳ୍ପ ସ୍ଥାପନ ପାଇଁ ସରକାରଙ୍କ ସହ ବୁଝାମଣା ପତ୍ର

**419 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ଶିଳ୍ପ ସଂସ୍ଥା ମାନଙ୍କ ଦ୍ଵାରା ରାଜ୍ୟ ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ଵାକ୍ଷର ତଥା ରାଜ୍ୟସ୍ତରୀୟ ଏକୀକୃତ ନିର୍ଗମନ କର୍ତ୍ତୃପକ୍ଷଙ୍କ ଦ୍ଵାରା ଅନୁମୋଦନ ସମୟରେ ପୁଞ୍ଜି ନିବେଶ ଓ ନିଯୁକ୍ତି ସମ୍ପର୍କୀତ ଯେଉଁ ପ୍ରତିଶୃତି ଦିଆଯାଇଥାଏ ତାହା କେତେ ଯଥାର୍ଥ ସେ ସମ୍ପର୍କରେ ସରକାର କେଉଁ କେଉଁ ସ୍ତରରେ କେଉଁ ଭିତ୍ତି ଆଧାରରେ ସମୀକ୍ଷା / ତର୍ଜମା କରିଥାନ୍ତି, (ଖ) ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଏକୀକୃତ ନିର୍ଗମନ କର୍ତ୍ତୃପକ୍ଷ ମାଧ୍ୟମରେ ଅଦ୍ୟାବଧି ଅନୁମୋଦିତ ହୋଇଥିବା ଓ ବୁଝାମଣା ସ୍ଵାକ୍ଷର ହୋଇଥିବା ଶିଳ୍ପଦ୍ୟୋଗୀଙ୍କ ମଧ୍ୟରୁ କେତେ ଶିଳ୍ପଦ୍ୟୋଗୀ ଅଦ୍ୟାବଧି ପ୍ରତିଶୃତି ମୁତାବକ ପ୍ରକୃତରେ କେତେ ପୁଞ୍ଜି ବିନିଯୋଗ କରିଛନ୍ତି ଓ କେତେ ନିଯୁକ୍ତି ପ୍ରଦାନ କରିଛନ୍ତି (ପ୍ରତ୍ୟକ୍ଷ ଓ ପରୋକ୍ଷ) ତାର ତଥ୍ୟ ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଅନୁମୋଦିତ ହୋଇଥିବା କେତେ ଶିଳ୍ପ ପ୍ରକଳ୍ପ ମଧ୍ୟରୁ କେତେ କାର୍ଯ୍ୟକ୍ଷମ ହୋଇଛି ଓ କେତେ କାର୍ଯ୍ୟକାରୀ ହୋଇନାହିଁ, କାର୍ଯ୍ୟକ୍ଷମ ନହେବା ଯୋଗୁ କେତେ ପୁଞ୍ଜିନିବେଶ ଓ କେତେ ନିଯୁକ୍ତି ଲକ୍ଷ୍ୟ ହାସଲ ହୋଇପାରିନାହିଁ ତାହା କହିବେ କି ?

----

## ପଥର ଖୋଦେଇ ଶିଳ୍ପୀମାନଙ୍କୁ ସବସିଡ଼ି ମାଧ୍ୟମରେ ପଥର ଯୋଗାଣ

**420 ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଉତ୍କଳୀୟ ପଥର ଖୋଦେଇ କାରୁକାର୍ଯ୍ୟ, କୀର୍ତ୍ତି ବିଶ୍ୱପ୍ରସିଦ୍ଧ ହୋଇଥିବା ସତ୍ତ୍ୱେ ବିଗତ ବର୍ଷମାନଙ୍କରେ ସରକାରୀ ଉଦ୍ୟମ ଅଭାବରୁ ଏ କ୍ଷେତ୍ରରେ ଅବନତି ପରିଲକ୍ଷିତ ହେଉଛି କି ; ଯଦି ଉତ୍ତର ନା, ତେବେ ସଂପ୍ରତି ରାଜ୍ୟରେ କେତେ ଶିଳ୍ପୀ, ସ୍ଥପତି ନିୟମିତ ରୂପେ ନିୟୋଜିତ ହୋଇଛନ୍ତି, ସେମାନଙ୍କୁ ବାର୍ଷିକ କେତେ ଆର୍ଥିକ ପ୍ରୋତ୍ସାହନ ମିଳୁଛି, ସେମାନଙ୍କର କାରୁକାର୍ଯ୍ୟକୁ ମାର୍କେଟିଂ କରିବା ପାଇଁ କି ସହଯୋଗ ଦିଆଯାଉଛି ; ବିଗତ ୭ ବର୍ଷରେ ରାଜ୍ୟର କେତେ ସ୍ଥପତିଙ୍କ କେତେ କୀର୍ତ୍ତି, କାରୁକାର୍ଯ୍ୟକୁ ଦେଶ ବିଦେଶକୁ ରପ୍ତାନୀ କରାଯାଇଛି, ସେହି ସ୍ଥପତିଙ୍କୁ ସେମାନଙ୍କ ସ୍ଥାପତ୍ୟ ନିର୍ମାଣ ପାଇଁ କେତେ ସବ୍‌ସିଡି ମାଧ୍ୟମରେ ଆବଶ୍ୟକ ପଥର ଯୋଗାଇ ଦିଆଯାଇଛି ତା'ର ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ଆବେଦନର ସମୟସୀମା

421 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଶିଳ୍ପଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଜମି ପାଇଁ ଆବେଦନ କରିବାର କେତେ ସମୟ ଅବଧି ମଧ୍ୟରେ ଜମି ଆବଣ୍ଟନ ମଞ୍ଜୁରୀ କରିବା ନିମନ୍ତେ ନୀତି ନିର୍ଦ୍ଧାରଣ କିମ୍ବା ନୀତିଗତ ନିଷ୍ପତ୍ତି ହୋଇଛି ତାହା କହିବେ କି ; କେଉଁ କେଉଁ ଅଞ୍ଚଳରେ ଶିଳ୍ପ ଏବଂ ଅନ୍ୟାନ୍ୟ ଉଦ୍ୟୋଗ ପ୍ରତିଷ୍ଠା ବିଗତ ୧୦ ବର୍ଷ ମଧ୍ୟରେ ଇଡ୍‌କୋକୁ ଆବେଦନ କରିଥିଲେ ; ଆବେଦନକାରୀଙ୍କ ମଧ୍ୟରୁ କେତେ ଜଣଙ୍କୁ ୬ ମାସ, ୧ ବର୍ଷ, ୨ ବର୍ଷ, ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅବଧିରେ ଜମି ଆବଣ୍ଟନ କରାଯାଇଛି ; କେତେ ଜଣଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଥିବାରୁ ସଂପୃକ୍ତ ଆବେଦନକାରୀଙ୍କୁ କାରଣ ଦର୍ଶାଇ ଜଣାଇ ଦିଆଯାଇଛି ; ଆବଣ୍ଟନ ନ ହୋଇଥିବା କେଉଁ କେଉଁ ସଂସ୍ଥା / ବ୍ୟକ୍ତି ବିଶେଷଙ୍କ ଆବେଦନ ପତ୍ର କେବେଠାରୁ ବିଚାରଧୀନ ରହିଛି ତାର ଏକ ବିବରଣୀ ବର୍ଷ ଓ ଶିଳ୍ପାଞ୍ଚଳ ଜିଲ୍ଲାୱାରୀ ଜଣାଇବେ କି ; ନାମଞ୍ଜୁର ହୋଇଥିବା ଏବଂ ଆବେଦନ ପତ୍ର ବିଚାରଧୀନ ଥିବା ଉଦ୍ୟୋଗୀଙ୍କ ମଧ୍ୟରୁ ଓଡିଶାର ଓ ରାଜ୍ୟ ବାହାରର ଆବେଦନକାରୀଙ୍କ ସଂଖ୍ୟା କେତେ ?

----

## ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଭିତ୍ତିଭୂମୀ ଅନୁକୂଳ ବାତାବରଣ

422 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟର କେଉଁ କେଉଁ ଜିଲ୍ଲାରେ କି କି ଶିଳ୍ପ ପ୍ରତିଷ୍ଠା ନିମନ୍ତେ କି କି କଞ୍ଚାମାଲ୍ ଓ ଆନୁସଙ୍ଗୀକ ଭିତ୍ତିଭୂମି ତଥା ଅନୂକୂଳ ବାତାବରଣ ରହିଛି ସେ ସମ୍ପର୍କରେ ସରକାର ସର୍ଭେକ୍ଷଣ କରିଛନ୍ତି କି ; ଯଦି କରିଛନ୍ତି ତେବେ ଏହି ସର୍ଭେ କେଉଁ ବିଭାଗର କେଉଁ କେଉଁ ବୈଷୟିକ ବିଶେଷଜ୍ଞ / କେଉଁ ସଂସ୍ଥା, ଉଦ୍ୟୋଗୀ କିମ୍ବା କମ୍ପାନୀ ଦ୍ୱାରା କେବେ କରିଥିଲେ ତାହା ପ୍ରକାଶ କରିବେ କି ; ସଂପୃକ୍ତ ସର୍ଭେକ୍ଷଣକୁ ଆଧାର କରି କେଉଁ କେଉଁ ଜିଲ୍ଲାରେ କି କି ଶିଳ୍ପ ପ୍ରତିଷ୍ଠା ନିମନ୍ତେ କି କି ସୁଯୋଗ ରହିଛି ଓ କ'ଣ ଅଭାବ ରହିଛି ସେ ସମ୍ପର୍କୀତ ବିସ୍ତୃତ ରିପୋର୍ଟକୁ ଉପସ୍ଥାପନ କରିବେ କି ; (ଖ) ସଂପୃକ୍ତ ରିପୋର୍ଟ ଆଧାରରେ କି କି ପଦକ୍ଷେପ କେବେ ଗ୍ରହଣ କରାଯାଇଛି ଓ କ'ଣ କରିବାକୁ ଅଛି ତାହା ପ୍ରକାଶ କରିବେ କି ?

----

## ଶିଳ୍ପ ସଂସ୍ଥାଦ୍ୱାରା ନିଯୁକ୍ତି ସୃଷ୍ଟି

423 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః-:-

(କ) ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାଙ୍କ ଦ୍ୱାରା ପୁଞ୍ଜିନିବେଶ ଓ ନିଯୁକ୍ତି ଆକଳନ ସଂପର୍କରେ ଯେଉଁ ତଥ୍ୟ ସରକାର ପ୍ରଦାନ କରୁଛନ୍ତି ତାର ଆଧାର କ'ଣ ; ଆକଳନ ଅନୁଯାୟୀ ନିଯୁକ୍ତ ହୋଇନଥିବା ତଥା ପ୍ରତିଶୃତି ମୁତାବକ ନିଯୁକ୍ତି ସୃଷ୍ଟି ହେଉନଥିବାର ପ୍ରକୃତ କାରଣ କ'ଣ ତାହା କହିବେ କି ; (ଖ) ରାଜ୍ୟରେ ଅଦ୍ୟାବଧି ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାକୁ ଅନୁମୋଦନ ଅନୁଯାୟୀ କେଉଁ ଶିଳ୍ପ ସଂସ୍ଥା କେତେ ପୁଞ୍ଜି ବିନିଯୋଗରେ କେତେ କର୍ମନିଯୁକ୍ତି ସୃଷ୍ଟି କରିବା ସହ କେତେ ସମୟ ଅବଧି ତଥା କେବେ ଉତ୍ପାଦନକ୍ଷମ ପାଇଁ ପ୍ରତିଶୃତି ବଦ୍ଧ ଥିଲେ ; ପ୍ରକୃତରେ କେଉଁ ଶିଳ୍ପ ସଂସ୍ଥା କେତେ ନିଯୁକ୍ତି ସୃଷ୍ଟି ସହ କେତେ ପୁଞ୍ଜି ବିନିଯୋଗ କରିଛନ୍ତି ; କେଉଁମାନେ ପ୍ରତିଶୃତି ମୁତାବକ କେତେ କମ୍ ପୁଞ୍ଜି ବିନିଯୋଗ ଏବଂ କେତେ କମ୍ ନିଯୁକ୍ତି ପ୍ରଦାନ କରିଛନ୍ତି ତାହା ପ୍ରକାଶ କରିବେ କି ?

----

## ଫୁଟା ଓ ଝାଲଶାଢ଼ୀ ବୁଣାକାରମାନଙ୍କୁ ପ୍ରୋତ୍ସାହନ

424 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః-:-

ଆଦିବାସୀ ସାନ୍ତାଳ ସମ୍ପ୍ରଦାୟ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ହେଉଥିବା ଝାଲଶାଢ଼ୀ ଫୁଟା କାଚା ଆଦି ପ୍ରସ୍ତୁତ କରୁଥିବା ବୁଣାକାର ମାନଙ୍କୁ ଚିହ୍ନଟ କରି ଆବଶ୍ୟକ ଋଣ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି; ଫୁଟା କାଚା, ଝାଲଶାଢ଼ୀ ଆଦିକୁ ପ୍ରୋତ୍ସାହନା କରିଦେବା ଏବଂ ବିଦେଶରେ ପ୍ରଚାର ପ୍ରସାର କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ସାନ୍ତାଳୀ ଭାଷାରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରଚଳନ

425 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః-:-

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କେତୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସାନ୍ତାଳୀଭାଷା ପ୍ରଚଳନ କରାଯାଇଛି ଜଣାଇବେ କି; ବିଭିନ୍ନ ଜିଲ୍ଲା ଯଥା ମୟୂରଭଞ୍ଜ, ବାଲେଶ୍ୱର,କେଉଁଝର, ସୁନ୍ଦରଗଡ଼, ଢ଼େଙ୍କାନାଳ କଟକ, ଖୋର୍ଦ୍ଧା, ମାଲକାନଗିରି ଆଦି ଜିଲ୍ଲାରେ ସାନ୍ତାଳ ବସବାସ କରୁଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷା ପ୍ରଚଳନ କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## କଣ୍ଟାବାଞ୍ଜିଠାରେ ଏକ Textile Mill ଖୋଲିବା

426 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ବଲାଙ୍ଗିର ଜିଲ୍ଲା ରେ ଉଚ୍ଚ କୋଟିର କପା ଚାଷ ଉତ୍ପାଦନ ହୋଇ କମ୍ ମୂଲ୍ୟରେ ବିକ୍ରି ହେଉଥିବା ସରକାର ଜଣନ୍ତି କି; (ଖ) ରାଜ୍ୟ ସରକାର କଂଟାବାଞ୍ଜି ଅଂଚଳ ରେ ଗୋଟିଏ ଟେକ୍ସଟାଇଲ୍ ମିଲ୍ ଖୋଲି ସମସ୍ତ ଚାଷୀଙ୍କ କପା କିଣିବାର ବ୍ୟବସ୍ଥା କରିବେ କି ?

----

## TPWODL ଦ୍ୱାରା Electric Bill ଆଦାୟ

427 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) TPWODL ଡିଭିଜନ୍ ଟିଟିଲାଗଡ଼ ଅର୍ନ୍ତଗତ କଂଟାବାଞ୍ଜି ସବଡ଼ିଭିଜନର ବଙ୍ଗୋମୁଣ୍ଡା ବ୍ଲକ, ତୁରେକେଲା ବ୍ଲକ, ମୁରିବହାଳ ବ୍ଲକ ଏବଂ କଂଟାବାଞ୍ଜି NAC ର କନଜ୍ୟୁମରମାନେ ଠିକ୍ ସମୟରେ (Electric Bill Payment, କରୁଥିଲେ ମଧ୍ୟ ତାଙ୍କୁ ସବୁ ସମୟରେ Vigilance Squad ଦ୍ୱାରା ଭୟଭିତ କରି ଅଧିକ ଫାଇନ୍ କାଟୁଥିବା ସରକାର ଜଣନ୍ତି କି; (ଖ) ରାଜ୍ୟ ସରକାର Vigilance ତଦାରଖ କରିବା ବ୍ୟବସ୍ଥା TATA କମ୍ପାନୀକୁ ନ ଦେଇ ନିଜ ପାଖରେ ବ୍ୟବସ୍ଥା ରଖିବେ କି ?

----

## ଭଦ୍ରକ ଜିଲ୍ଲାରେ ହସ୍ତଶିଳ୍ପର ବିକାଶ

428 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ହସ୍ତଶିଳ୍ପର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭଦ୍ରକ ଜିଲ୍ଲାରେ ସବୁଜଶକ୍ତି ଭିତ୍ତିଭୂମୀ ଉନ୍ନୟନ

429 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାରେ ସବୁଜଶକ୍ତି ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଶିକ୍ଷାୟନ ମାଧ୍ୟମରେ ନିଯୁକ୍ତି

430 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନୁଗୋଳ ଜିଲ୍ଲାରେ ଶିଳ୍ପାୟନ ମାଧ୍ୟମରେ କେତେ ବ୍ୟକ୍ତି ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପାଇଛନ୍ତି, ଏହା ବୃଦ୍ଧି ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜଳ ବିଦ୍ୟୁତ ଉତ୍ପାଦନ ବୃଦ୍ଧି

431 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଓଡ଼ିଶାରେ ବାର୍ଷିକ କେଉଁ ପ୍ରକଳ୍ପରୁ କେତେ ଜଳ ବିଦ୍ୟୁତ୍ ଉତ୍ପାଦିତ ହୋଇଛି, ତାହାର ବିଗତ ତିନି ବର୍ଷର ତାଲିକା ଦର୍ଶାଇ ଜଳ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସବୁଜ ଶକ୍ତି ଉତ୍ପାଦନ ଭିତ୍ତିଭୂମୀ

432 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ ସବୁଜ ଶକ୍ତି ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅକ୍ଷୟ ଶକ୍ତିର ବିକାଶ

433 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ଆବାସ ମାନଙ୍କରେ ସୌରଶକ୍ତି ଦ୍ୱାରା ବିଦ୍ୟୁତ ଉତ୍ପାଦନ ବ୍ୟବସ୍ଥା ନିମିତ୍ତ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ହସ୍ତତନ୍ତ ବିକ୍ରୟ ପାଇଁ ପଦକ୍ଷେପ

434 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ହସ୍ତତନ୍ତ ବସ୍ତ୍ର ବିକ୍ରୟ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ

435 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ପବନ କଳ ମାଧ୍ୟମରେ ଶକ୍ତି ଉତ୍ପାଦନ

436 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାର ସମୁଦ୍ର ଉପକୂଳରେ ପବନ କଳ ମାଧ୍ୟମରେ ଶକ୍ତି ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବସ୍ତ୍ର ବୟନ ପ୍ରତି ଆକୃଷ୍ଟ

437 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେତେ ବୁଣାକାର ବସ୍ତ୍ର ବୟନ କରୁଛନ୍ତି, ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ବସ୍ତ୍ର ବୟନ ପ୍ରତି ଯୁବପିଢୀଙ୍କୁ ଆକୃଷ୍ଟ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ସବୁଜ ଶକ୍ତି ଭିତ୍ତିଭୂମି ଉନ୍ନୟନ

438 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ ସବୁଜ ଶକ୍ତି ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଖଦୀ ଓ କୁଟୀର ଶିଳ୍ପର ବିକାଶ

439 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାରେ ଖଦୀ ଓ କୁଟୀର ଶିଳ୍ପର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନୂତନ ଜରା ନିବାସ ପ୍ରତିଷ୍ଠା ପାଇଁ ପଦକ୍ଷେପ

440 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ପ୍ରତ୍ୟେକ ବ୍ଲକ ଓ ପୌର ସଂସ୍ଥାରେ ଜରା ନିବାସ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ମାନଜୋର ଜଳସେଚନ ପ୍ରକଳ୍ପର ବିଦ୍ୟୁତ ଉତ୍ପାଦନ

441 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନଜୋର ଜଳସେଚନ ପ୍ରକଳ୍ପରେ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଭିନ୍ନକ୍ଷମମାନଙ୍କୁ ଚିହ୍ନଟ

442 **ଶ୍ରୀ ରଘୁନାଥ ଗମାଙ୍ଗ (ଗୁଣୁପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡା ଜିଲ୍ଲାରେ କେତେ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି ୨୦୨୨ - ୨୩ ମସିହା ସୁଧା କେତେ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସରକାର କି କି ସୁବିଧା ଯୋଗାଇଛନ୍ତି ତାର ବ୍ଲକୱାରୀ ତଥ୍ୟ ଦେବେ କି ?

----

## ଭିନ୍ନକ୍ଷମମାନଙ୍କ ପାଇଁ ଆବାସିକ ବିଦ୍ୟାଳୟ ସ୍ଥାପନ

443 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଜିଲ୍ଲା ସ୍ତରରେ ଏକ ଆବାସିକ ବିଦ୍ୟାଳୟ ସ୍ଥାପନ କରି ଶିକ୍ଷାଦାନର ବ୍ୟବସ୍ଥା ସହ ପିତାମାତାଙ୍କର ଅଜ୍ଞାନତା ହେତୁ ଏହି ଶିକ୍ଷାରୁ ବଞ୍ଚିତ ଭିନ୍ନକ୍ଷମ ପିଲାମାନଙ୍କୁ ଚିହ୍ନିତ କରି ସେମାନଙ୍କର ଶିକ୍ଷାଦାନର ବ୍ୟବସ୍ଥା କରିବେ କି ?

----

## ବିଦ୍ୟୁତ୍ ବକେୟା ଛାଡ

444 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଶିଳ୍ପାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନର ବିଦ୍ୟୁତ ଦେୟ ବାବଦକୁ କେତେ ଟଙ୍କା ବାକି ରହିଛି ; ସେମାନଙ୍କ ମଧ୍ୟରୁ ଗତ 10 ବର୍ଷ ମଧ୍ୟରେ କେଉଁ କେଉଁ ସଂସ୍ଥାକୁ କେତେ ଟଙ୍କାର ବିଦ୍ୟୁତ ଦେୟ ଛାଡ କରାଯାଇଛି ; ଏହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ଉଦ୍ୟୋଗୀଙ୍କ ସଂଖ୍ୟା

445 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କାର୍ଯ୍ୟକ୍ଷମ ହେଉଅଛି ; ସେମାନଙ୍କ ମଧ୍ୟରୁ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା କେତେ ; ଏହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## Science Park ପ୍ରତିଷ୍ଠା

446 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟପୁର ତହସିଲ ଅଧିନ ଉମୁରି ମୌଜା ଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର (District Science Park) ସ୍ଥାପନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି କି ; ତାହା କାର୍ଯ୍ୟକାରୀ ନହେବା ପଛରେ କାରଣ କଣ ଓ କେବେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ତାହା ସ୍ପଷ୍ଟ କରିବେ କି ?

----

## ଟ୍ରାନ୍ସଫର୍ମର ହଟାଇବା ପାଇଁ ପଦକ୍ଷେପ

447 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବହୁତ ପ୍ରାଇଭେଟ ଜାଗା ଉପରେ ବିଦ୍ୟୁତ ତାର ଯାଇଛି, ଟ୍ରାନ୍ସଫର୍ମର ବସିଛି ଏହା ସତ୍ୟ କି ; ଉତ୍ତର ଯଦି ହଁ ହୁଏ ସେମାନଙ୍କୁ ସରକାର କଣ ମାସିକ ପ୍ରାପ୍ୟ ପ୍ରଦାନ କରୁଛନ୍ତି ; ସାଧାରଣ ଲୋକଟି ଯେତେବେଳେ ଉଚ୍ଛେଦ ଚାହୁଁଛନ୍ତି ସରକାର ତାଙ୍କ ଖର୍ଚ୍ଚରେ ନକରି ଲୋକଙ୍କ ଉପରେ ପକାଇବା କେଉଁ ଗ୍ରାଉଣ୍ଡରେ ଠିକ୍ ଜଣାଇବେ କି ; କେଉଁ ଜିଲ୍ଲାରେ କେତେ ଲୋକ ତାର ଅବା ଟ୍ରାନ୍ସଫର୍ମରର ତାଙ୍କ ଜାଗାରୁ ଉଚ୍ଛେଦ ପାଇଁ ଦରଖାସ୍ତ କରିଛନ୍ତି ଜଣାଇବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ବିମୁଖ ଉଦ୍ୟୋଗୀଙ୍କ ସମ୍ପର୍କରେ

448 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ 10 ବର୍ଷ ମଧ୍ୟରେ କେଉଁ କେଉଁ ଉଦ୍ୟୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶୃତି ଦେଇଥିଲେ ; ସେମାନଙ୍କ ମଧ୍ୟରୁ କେଉଁ କେଉଁ ସଂସ୍ଥା ଜମି ଅଧିଗ୍ରହଣ ସତ୍ତ୍ୱେ ସେମାନଙ୍କ ପ୍ରତିଶୃତିରୁ ଓହରି ଯାଇଛନ୍ତି ; ଏଥି ପାଇଁ ଦାୟୀ କିଏ ; ଏହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ସରକାରୀ ଉଦ୍ୟୋଗରେ ନିଯୁକ୍ତି

449 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ସରକାରୀ ଉଦ୍ୟୋଗରେ ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା କେତେ ରହିଛି ; ବର୍ତ୍ତମାନ ସୁଦ୍ଧା କେତେ ପଦବୀ ଖାଲିପଡିଛି ; ଖାଲି ପଡିଥିବା ପଦବୀଗୁଡିକ ପୂରଣ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## କୁଷ୍ଠ କଲୋନୀ ଗୁଡିକର ଆଧୁନିକୀକରଣ

450 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଗାନ୍ଧୀପଲ୍ଲୀ ଓ ନେହେରୁପଲ୍ଲୀ କୁଷ୍ଠ କଲୋନୀ ସହିତ କଟକ ଜିଲ୍ଲାର ଅନ୍ୟ କୁଷ୍ଠ କଲୋନୀ ଗୁଡିକର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା

451 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ସହରରେ ଘରୋଇ ବାସଗୃହରେ ସୌରଶକ୍ତି, ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ପଦକ୍ଷେପ

452 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଟସର ଓ ରେଶମ ଚାଷ ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖଦୀ ଓ କୁଟୀର ଶିଳ୍ପର ବିକାଶ

453 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଖଦୀ ଓ କୁଟୀର ଶିଳ୍ପର ବିକାଶ ସହ ତାହା ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜରାନିବାସକୁ ଅନୁଦାନ ପ୍ରଦାନ

454 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାରେ କେଉଁ ସଂସ୍ଥା ମାଧ୍ୟମରେ କେଉଁଠାରେ ଜରାନିବାସ ପ୍ରତିଷ୍ଠା ହୋଇଛି ; ସେଠାରେ କେତେ ଅନ୍ତେବାସୀ ରହୁଛନ୍ତି ; ଏହି ଅନୁଷ୍ଠାନକୁ ବିଗତ ତିନି ବର୍ଷରେ କେତେ ଅନୁଦାନ ପ୍ରଦାନ କରାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## କଳାହାଣ୍ଡି ଜିଲ୍ଲାରେ ଶିଳ୍ପାଞ୍ଚଳ ପାଇଁ ପ୍ରସ୍ତାବ

455 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବାୟୋଡିଜେଲ ପ୍ରସ୍ତୁତ ପାଇଁ ପ୍ରସ୍ତାବ

456 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବାୟୋଡିଜେଲ ପ୍ରସ୍ତୁତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## କଳାହାଣ୍ଡି ଜିଲ୍ଲାରେ ଥିବା ଅନାଥାଶ୍ରମ ସମ୍ପର୍କରେ

457 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାର କେଉଁଠାରେ କେଉଁ ସଂସ୍ଥା ଦ୍ୱାରା ଅନାଥାଶ୍ରମ ପରିଚାଳିତ ହେଉଛି, ସେଠାରେ କେତେଜଣ ଅନ୍ତୋବାସୀ ଅଛନ୍ତି ଓ ଏହି ସଂସ୍ଥାକୁ ବିଗତ ତିନି ବର୍ଷରେ କେତେ ଅନୁଦାନ ପ୍ରଦାନ କରାଯାଇଛି ?

----

## ହସ୍ତଶିଳ୍ପ ମାଧ୍ୟମରେ ଆତ୍ମ ନିଯୁକ୍ତି ସୃଷ୍ଟି

458 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ହସ୍ତଶିଳ୍ପ ମାଧ୍ୟମରେ ଆତ୍ମ ନିଯୁକ୍ତି ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତକରଣ

459 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି,ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଭଦ୍ରକ ଜିଲ୍ଲାରେ ଶିଳ୍ପାୟନ ପାଇଁ ପଦକ୍ଷେପ

460 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାଧ୍ୟମରେ ଅଧିକ ଆତ୍ମ ନିଯୁକ୍ତି ସୃଷ୍ଟି ପାଇଁ ଶିଳ୍ପାୟନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, ରାଜ୍ୟରେ ମୋଟ MSME ସଂଖ୍ୟା କେତେ ?

----

## ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ

461 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଜଳ ବିଦ୍ୟୁତ ସହିତ ସମସ୍ତ ପ୍ରକାର ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ ପାଇଁ ପଦକ୍ଷେପ

462 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସରକାରୀ ଚାକିରୀରେ 4% ସଂରକ୍ଷଣ ବ୍ୟବସ୍ଥା ସମସ୍ତ ବିଭାଗରେ କାର୍ଯ୍ୟକାରୀ ହେଉଛି କି ନାହିଁ, ଯେଉଁ ବିଭାଗ ଏହି ନିୟମକୁ କାର୍ଯ୍ୟକାରୀ କରୁ ନାହାନ୍ତି ସେମାନଙ୍କ ବିରୋଧରେ କି ଧରଣ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କହିବେ କି, (ଖ) ଘରୋଇ ଉଦ୍ୟୋଗରେ ଏହି ନିୟମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେବେ କି ?

----

## ସବୁଜ ଶକ୍ତିର ଭିତ୍ତିଭୂମି ଉନ୍ନୟନ ପାଇଁ ପଦକ୍ଷେପ

463 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସବୁଜ ଶକ୍ତିର ଭିତ୍ତିଭୂମି ଉନ୍ନୟନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## IDCO ଅଧିକୃତ ଜମିରେ ଶିଳ୍ପ ପୁଞ୍ଜ ପ୍ରତିଷ୍ଠା

464 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଧାମନଗର ଛକ ପିରିପୁର ମୌଜାରେ ଥିବା IDCO ଅଧିକୃତ ଜମିରେ କି କି ଶିଳ୍ପ ପୁଞ୍ଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି, ତା'ର ଏକ ବିବରଣୀ ଦେବେ କି, ଏହି ଶିଳ୍ପ ପୁଞ୍ଜ ପ୍ରତିଷ୍ଠାରେ ବିଳମ୍ବ ହେବାର କାରଣ କ'ଣ ?

----

## ସରକାରୀ ଉଦ୍ୟୋଗ କରିଥିବା Project ସମ୍ପର୍କରେ

465 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2022-23 ରେ କେଉଁ କେଉଁ ସରକାରୀ ଉଦ୍ୟୋଗ କେତେ project ଏବଂ କେତେ Loss ଦେଖାଇଛନ୍ତି ଓ ସମାଜ କଲ୍ୟାଣ ପାଇଁ କେଉଁ କେଉଁ ଉଦ୍ୟୋଗ କି କି କାର୍ଯ୍ୟ କରିଛନ୍ତି ଏବଂ କେଉଁ କେଉଁ ସ୍ଥାନରେ କରିଛନ୍ତି ଜଣାଇବେ କି, ସେହିପରି 2023-24 ର ସ୍ଥିତି କ'ଣ ?

----

## ମୂର୍ତ୍ତି ତିଆରି କରାଯାଉଥିବା ସ୍ଥାନର ନାମ

466 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଡୋକ୍ରା ଶିଳ୍ପ ଭାରତର ପୂରାତନ ଶିଳ୍ପକୁ ମହେଞ୍ଜୋଦାର ସଭ୍ୟତା ସମୟରେ ଏହା ବହୁଳ ବ୍ୟବହାର କରାଯାଉଥିବା ସତ୍ୟ କି, ପିତଳ ଧାତୁ ବ୍ୟବହାର କରି ବିଭିନ୍ନ ସୁନ୍ଦର ମୂର୍ତ୍ତି, ଆସବାବ ପତ୍ର ତିଆରି କରାଯାଉଥିଲା, ବର୍ତ୍ତମାନ ମୟୁରଭଂଜ ଜିଲ୍ଲା ଛଡା ରାଜ୍ୟର ଆଉ କେଉଁ କେଉଁ ସ୍ଥାନରେ ମୂର୍ତ୍ତି ତିଆରି କରାଯାଉଛି ଜଣାଇବେ କି ?

----

## Elephant Corridor ର ବିଦ୍ୟୁତ ଖୁଣ୍ଟ ପରିବର୍ତ୍ତନ କାର୍ଯ୍ୟ

467 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ Elephant Corridor ର ବିଦ୍ୟୁତ ଖୁଣ୍ଟକୁ ପରିବର୍ତ୍ତନ କାର୍ଯ୍ୟ କେବେସୁଦ୍ଧା ଶେଷ ହେବ, କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁଠାରେ 33 /11 କେ.ଭି. କାର୍ଯ୍ୟ ଚାଲୁଅଛି ଓ ଏହା କେବେ ଶେଷ ହେବ, ଏ ବର୍ଷ ନୂତନ ଭାବରେ 33 /11 K.V ପାଇଁ କେତେ ମଂଜୁର କରାଯାଇଛି ଓ କେଉଁଠାରେ କରାଯିବ ଜଣାଇବେ କି, (ଖ) ନର୍ଲା ନିର୍ବାଚନମଣ୍ଡଳୀରେ ଘରମାନଙ୍କ ଉପରେ ଖେଳ ପଡିଆ ଉପରୁ ଯାଉଥିବା 11 K.V.-LT-Line କେତୋଟି ଯାଗାରେ ପରିବର୍ତ୍ତନ କରାଯାଇଅଛି ଓ ବାକିଥିବା LT-Line ସ୍ଥାନ କେବେସୁଦ୍ଧା ପରିବର୍ତ୍ତନ ହେବ, ମ.ରାମପୁରର 220 ଗ୍ରୀଡ କେବେ ଆରମ୍ଭ ହେବ ଜଣାଇବେ କି ?

----

## ନୂତନ ଭାବେ ଖୋଲିବାକୁ ଥିବା ଅଙ୍ଗନୱାଡି କେନ୍ଦ୍ରର ସଂଖ୍ୟା

468 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବିଦ୍ୟୁତକରଣ, କମ୍ପାଉଣ୍ଡୱାଲ, ପିଇବା ପାଣି ବ୍ୟବସ୍ଥା ହେବ ଜଣାଇବେକି, (ଖ) କେଉଁ କେଉଁ ଜିଲ୍ଲାରୁ କେତୋଟି ଅଙ୍ଗନୱାଡି କେନ୍ଦ୍ର ଓ ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଆସିଅଛି, 2023 2024ରେ କେନ୍ଦ୍ର କେତୋଟି ମଂଜୁର କରିଛନ୍ତି, ମଂଜୁର କରିନଥିଲେ ତାର କାରଣ କଣ ଏବଂ (ଖ) ନର୍ଲା ନିର୍ବାଚନମଣ୍ଡଳୀର କେଉଁ କେଉଁ ସ୍ଥାନରେ ଅଙ୍ଗନୱାଡି ଏବଂ ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବାର ଅଛି ତାର ଏକ ତାଲିକା ଦେବେ କି ?

----

### ପରୀକ୍ଷ କରି certificate ଯୋଗାଇ ଦେବାର ବ୍ୟବସ୍ଥା

469 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଫେବୃୟାରୀ ମାସରେ ରାଜ୍ୟରେ ପ୍ରତ୍ୟେକ ବ୍ଲକରେ ବିଭିନ୍ନ ଉପକରଣ ବଣ୍ଟନ ସହିତ ଯେଉଁମାନେ medical certificate ପାଇନାହାଁନ୍ତି ସେମାନଙ୍କୁ ପରୀକ୍ଷ କରି certificate ଯୋଗାଇ ଦେବାର ବ୍ୟବସ୍ଥା କରିବେକି, ଶ୍ରବଣ ଯନ୍ତ୍ର ବର୍ତ୍ତମାନସୁଦ୍ଧା କେତେଜଣଙ୍କୁ ଦିଆଯାଇଛି ଓ ଶ୍ରବଣଯନ୍ତ୍ର ଅଧିକ ଯୋଗାଇବା ପାଇଁ ବ୍ୟବସ୍ଥା କରିବେ କି ?

----

### ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା

470 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଉତ୍ପାଦିତ ମତ୍ସ୍ୟ ସଂପଦକୁ ବିନିଯୋଗ କରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

### ଶିଳ୍ପ ପ୍ରତିଷ୍ଠା

471 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ସ୍ଥାନରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ହୋଇଛି ଓ କେଉଁଠାରେ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଅଛି ?

----

### ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ପଦକ୍ଷେପ

472 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ କେତେ ଦିବ୍ୟାଙ୍ଗ ଚିହ୍ନଟ ହୋଇଛନ୍ତି ସେମାନଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବୁଣାକାରଙ୍କୁ ବୀମାଭୁକ୍ତ କରିବାକୁ ପଦକ୍ଷେପ

473 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବୁଣାକାରମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଲୋ ଭୋଲଟେଜ ସମସ୍ୟାର ସମାଧାନ

474 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଲୋ ଭୋଲଟେଜ ସମସ୍ୟାର ସମାଧାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମହିଳାଙ୍କୁ ସଂଗଠିତ କରିବାକୁ ପଦକ୍ଷେପ

475 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ କେତେଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କେତେ ମହିଳା ସଂଗଠିତ ହୋଇଛନ୍ତି ଅଧିକ ସଂଖ୍ୟକ ମହିଳାଙ୍କୁ ସଂଗଠିତ କରିବା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଦିବ୍ୟାଙ୍ଗଙ୍କୁ ଶିକ୍ଷା ଦାନ

476 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ ଅନ୍ଧ, ମୁକ, ବଧିର ବିଦ୍ୟାର୍ଥୀଙ୍କୁ ଶିକ୍ଷା ପ୍ରଦାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ବୁଣାକାରଙ୍କ କଲ୍ୟାଣ ପାଇଁ ପଦକ୍ଷେପ

477 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢ଼େଙ୍କାନାଳ ଜିଲ୍ଲାରେ କେତେ ବୁଣାକାର ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି, ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଗ୍ରାମ ବିଦ୍ୟୁତକରଣ

478 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢ଼େଙ୍କାନାଳ ଜିଲ୍ଲାରେ କେଉଁ ବ୍ଲକର କେଉଁ ଗ୍ରାମ ବିଦ୍ୟୁତକରଣ ହୋଇପାରିନାହିଁ, ପ୍ରକାଶ କରି ସେହି ଗ୍ରାମ ଗୁଡ଼ିକୁ ବିଦ୍ୟୁତକରଣ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଅକ୍ଷୟ ଶକ୍ତି ବିକାଶ

479 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାରେ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ପକ୍ଷରୁ ବିଗତ ତିନି ବର୍ଷରେ କି କି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ?

----

## ଚମଡ଼ା ଶିଳ୍ପର ବିକାଶ

480 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଚମଡ଼ା ଶିଳ୍ପର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଚଳ ଉଦ୍ୟୋଗକୁ ସଚଳ କରିବାକୁ ପଦକ୍ଷେପ

481 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାରେ କେତେଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଚଳ ଅବସ୍ଥାରେ ଅଛି, ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଗଣିତ ଶିକ୍ଷାର ବିକାଶ

482 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଗଣିତ ଶିକ୍ଷାର ବିକାଶପାଇଁ ରାଜ୍ୟ ଗଣିତ ପ୍ରତିଷ୍ଠାନ ପକ୍ଷରୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମାନସିକ ଅନଗ୍ରସର ମାନଙ୍କୁ ଆଶ୍ରୟ ସ୍ଥଳୀରେ ରଖିବା

483 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ରାସ୍ତାଘାଟରେ ଚାଲୁଥିବା ମାନସିକ ଅନଗ୍ରସର ଓ ପାଗଳମାନଙ୍କୁ କୌଣସି ଆବାସସ୍ଥଳୀରେ ରଖି ସେମାନଙ୍କ ଚିକିତ୍ସା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଅକ୍ଷୟ ଶକ୍ତି ବିକାଶ

484 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ବିଗତ ତିନି ବର୍ଷରେ କଟକ ଜିଲ୍ଲାରେ କି କି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି ?

----

## ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ

485 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ଼ର କେଉଁଠାରେ କେତେ ଜମି ଜବରଦଖଲରେ ଅଛି, ତାହାକୁ ଜବରଦଖଲ ମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପୁରୁଣାତାର ଓ ଖୁଣ୍ଟି ବଦଳାଇବାକୁ ପଦକ୍ଷେପ

486 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ ପୁରୁଣାତାର ଓ ଖୁଣ୍ଟି ବଦଳାଇବା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବୁଣାକାରଙ୍କ କଲ୍ୟାଣ ପାଇଁ ପଦକ୍ଷେପ

487 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ କେତେଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କେତେ ବୁଣାକାର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି ଓ ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜରାନିବାସକୁ ଅନୁଦାନ

488 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ବାଲେଶ୍ୱର ଜିଲ୍ଲାର କେଉଁଠାରେ କେଉଁ ସଂସ୍ଥା ମାଧ୍ୟମରେ ଜରାନିବାସ ପ୍ରତିଷ୍ଠା ହୋଇଛି, ସେଠାରେ କେତେ ଅନ୍ତେବାସୀ ରହୁଥିବା ବେଳେ ଏହି ସଂସ୍ଥାକୁ ବିଗତ ତିନି ବର୍ଷରେ କେତେ ଅନୁଦାନ ଯୋଗାଇ ଦିଆଯାଇଛି ?

----

## ବିଜ୍ଞାନ ପତ୍ରିକା ଯୋଗାଇବାକୁ ପଦକ୍ଷେପ

489 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା)ः**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଓଡ଼ିଶା ବିଜ୍ଞାନ ଏକାଡେମୀ ତରଫରୁ ପ୍ରକାଶିତ ବିଜ୍ଞାନ ଦିଗନ୍ତ ପତ୍ରିକାକୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ଯୋଗାଇ ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ରାଜ୍ୟରେ SHG ମାନଙ୍କୁ ସହାୟତା

490 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା)ः**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ଓ କାର୍ଯ୍ୟକ୍ଷମ ନ ଥିବା SHG ସଂଖ୍ୟାର ଜିଲ୍ଲାୱାରୀ ତଥ୍ୟ ଦେବେ କି; କାର୍ଯ୍ୟକ୍ଷମ ଥିବା ଓ କାର୍ଯ୍ୟକ୍ଷମ ନ ଥିବା SHG ମାନେ Financial Institute ରୁ କେତେ ଲେଖାଏଁ ଋଣ ନେଇଛନ୍ତି ଜିଲ୍ଲା ୱାରୀ ଓ SHG ୱାରୀ ତାଲିକା ସହ ତଥ୍ୟ ଦେବେ କି; 15.01.2024 ସୁଦ୍ଧା SHG ମାନଙ୍କର କେତେ ଶତାଂଶ ଋଣ NPA ହୋଇଛି; (ଖ) ଆଜି ପର୍ଯ୍ୟନ୍ତ ରାଜ୍ୟର SHG ମାନଙ୍କୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର 2014-15 ଠାରୁ 15.01.2024 ପର୍ଯ୍ୟନ୍ତ କେତେ ଲେଖାଏଁ ପାଣ୍ଠି ଯୋଗେଇ ଦେଇଛନ୍ତି ଜିଲ୍ଲା ୱାରୀ, SHG ୱାରୀ ତଥ୍ୟ ଦେବେ କି ?

----

## Science Park କାର୍ଯ୍ୟକ୍ଷମ ସମ୍ପର୍କରେ

491 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା)ः**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ବଲାଙ୍ଗିର ଠାରେ ପ୍ରସ୍ତାବିତ Science Park ଓ Planetarium ପାଇଁ କେତେ ପାଣ୍ଠିର ପ୍ରକଳ୍ପ ମୂଲ୍ୟ ଅନୁମୋଦିତ ହୋଇ କେତେ ତାରିଖ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କେତେ ତାରିଖ ସୁଦ୍ଧା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ହେବ ଗୃହରେ ସ୍ପଷ୍ଟୀକରଣ ଦେବେ କି ?

----

## ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା

492 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା)ः**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 15.01.2024 ସୁଦ୍ଧା ରାଜ୍ୟରେ କେଉଁ କେଉଁ Category ର କେତେ ସଂଖ୍ୟକ ଭିନ୍ନକ୍ଷମ/ଦିବ୍ୟାଙ୍ଗ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି Category ୱାରୀ ଓ ଜିଲ୍ଲା ୱାରୀ ତାଲିକା ଦେବେ କି; (ଖ) ଭିନ୍ନକ୍ଷମ ଅଧିକାର ଆଇନ 2016 ଅନୁଯାୟୀ ରାଜ୍ୟରେ କେଉଁ department ରେ ଭିନ୍ନକ୍ଷମଙ୍କ ପାଇଁ କେଉଁ ପଦବୀରେ କେତୋଟି ମଞ୍ଜୁରୀପ୍ରାପ୍ତ ପଦବୀ ସଂରକ୍ଷିତ ଅଛି, ତା.15.01.2024 ସୁଦ୍ଧା ଏହି ସଂରକ୍ଷିତ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ କେତୋଟି ପଦବୀ ଖାଲି ଅଛି department ୱାରୀ ତଥ୍ୟ ଦେଇ କେବେ ସୁଦ୍ଧା ଏହି ଖାଲି ପଦବୀ ପୂରଣ ହେବ ସ୍ପଷ୍ଟୀକରଣ ଦେବା ସହ ଭିନ୍ନକ୍ଷମ ଅଧିକାର ଆଇନ 2016 ର amendment କରି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସରକାରୀ ଚାକିରୀରେ ପଦୋନ୍ନତି ସମୟରେ ସ୍ଥାନ ସଂରକ୍ଷଣ କରିବାକୁ ପଦକ୍ଷେପ ନେବେ କି ?

----

## ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ସମ୍ପର୍କରେ

493 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 2019-20 ଠାରୁ 2023-24 ପର୍ଯ୍ୟନ୍ତ ରାଜ୍ୟର କେଉଁ ଜିଲ୍ଲାରେ କେତେ ପାଣ୍ଠି ବିନିଯୋଗରେ କେତେ ସଂଖ୍ୟକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା କରାଯାଇ ସରକାର ଏହି ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ କେଉଁ କେଉଁ ପ୍ରକାରର କେତେ ପରିମାଣର incentives ଦେଇ ରାଜ୍ୟର କେତେ ଜଣ ଯୁବକ ଯୁବତୀ ଓ ରାଜ୍ୟବାହାରର କେତେ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଇଛନ୍ତି ତା'ର ତଥ୍ୟ ଜିଲ୍ଲାୱାରୀ, ବର୍ଷୱାରୀ ଉପସ୍ଥାପନ କରିବା ସହ, ରାଜ୍ୟରେ ଏହି ସମୟ ସୀମା ମଧ୍ୟରେ ପ୍ରତିଷ୍ଠା ହୋଇଥିବା ଉଦ୍ୟୋଗ ସଂଖ୍ୟା ଓ ସରକାର ଯୋଗାଇଥିବା incentives ପ୍ରାପ୍ତ ଉଦ୍ୟୋଗ ସଂଖ୍ୟାର ଅନୁପାତ କେତେ ସ୍ପଷ୍ଟୀକରଣ ଦେବେ କି? (ଖ) 2019-20 ଠାରୁ 2023-24 ପର୍ଯ୍ୟନ୍ତ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ GST ଓ ଅନ୍ୟାନ୍ୟ କେଉଁ ପ୍ରକାର Tax କେତେ ପରିମାଣରେ ରାଜ୍ୟ ରାଜକୋଷକୁ ଦେଇଛନ୍ତି ବର୍ଷୱାରୀ, ଜିଲ୍ଲାୱାରୀ ତଥ୍ୟ ଗୃହରେ ଜଣାଇବେ କି ?

----

## ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ

494 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) 2019-20 ଠାରୁ 2023-24 ପର୍ଯ୍ୟନ୍ତ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ପାଣ୍ଠି ବିନିଯୋଗରେ କେଉଁ କେଉଁ ବୃହତ ଶିଳ୍ପ ପ୍ରତିଷ୍ଠା କରାଯାଇ ସରକାର ଏହି ଶିଳ୍ପ ସଂସ୍ଥାମାନଙ୍କୁ କେଉଁ କେଉଁ ପ୍ରକାରର କେତେ ପରିମାଣର incentives ଦେଇ ରାଜ୍ୟର କେତେ ଜଣ ଯୁବକ ଯୁବତୀ ଓ ରାଜ୍ୟବାହାରର କେତେ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯାଇଛି ବର୍ଷୱାରୀ ଓ ଶିଳ୍ପୱାରୀ ତଥ୍ୟ ଉପସ୍ଥାପନ କରିବେ କି; (ଖ) 2019-20 ଠାରୁ 2023-24 ପର୍ଯ୍ୟନ୍ତ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ବୃହତଶିଳ୍ପମାନେ GST ଓ ଅନ୍ୟାନ୍ୟ କେଉଁ ପ୍ରକାର Tax କେତେ ପରିମାଣରେ ରାଜ୍ୟ ରାଜକୋଷକୁ ଦେଇଛନ୍ତି ଶିଳ୍ପୱାରୀ, ବର୍ଷୱାରୀ ତଥ୍ୟ ଗୃହରେ ଜଣାଇବେ କି ?

----

## ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ ଯୋଗାଣ

**495 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ସ୍ଥାନରେ କେଉଁ ବର୍ଷ ସୁଦ୍ଧା ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ; ସଂପୃକ୍ତ ଲକ୍ଷ୍ୟ ଅନୁଯାୟୀ କେଉଁ କେଉଁ ସହରରେ କେତେ ପରିମିତ (କିଲୋମିଟର) କେତେ ବ୍ୟୟ ଅଟକଳରେ କେଉଁ ଠିକା ସଂସ୍ଥା ମାଧ୍ୟମରେ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ଶକ୍ତି ଯୋଗାଣର ବ୍ୟବସ୍ଥା କରିବା ନିମନ୍ତେ କେବେ ନିଷତ୍ତି ଗ୍ରହଣ କରାଯାଇଥିଲା; କେଉଁ କେଉଁ ସହରରେ ଅଦ୍ୟାବଧି କେତେ ପରିମିତ ଭୂତଳ କେବୁଲ୍ ମାଧ୍ୟମରେ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି; କେଉଁ କେଉଁ ଠାରେ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଭୂତଳ କେବୁଲ୍ ରାଜ୍ୟରେ ସଂପୂର୍ଣ୍ଣ ହୋଇପାରିନାହିଁ ଏବଂ ବିଳମ୍ବିତ ପ୍ରକ୍ରିୟା ଯୋଗୁ ମୂଳ ବ୍ୟୟ ଅଟକଳ କେତେ ବୃଦ୍ଧି ପାଇଛି ତାହା ଜଣାଇବା ସହ ବିଳମ୍ବିତ କାର୍ଯ୍ୟ ପାଇଁ କେଉଁ କେଉଁ ମାନେ ଉତ୍ତରଦାୟୀ ତାହା ଜଣାଇବେ କି; ଆଗାମୀ କେଉଁ କେଉଁ ବର୍ଷରେ କେଉଁ କେଉଁ ଜିଲ୍ଲାର ଧାର୍ଯ୍ୟ କରାଯାଇଥିବା କେଉଁ କେଉଁ ସ୍ଥାନରେ ଭୂତଳ କେବୁଲ୍ ମାଧ୍ୟମରେ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯିବାର ଯୋଜନା ରହିଛି ତାହା ଜଣାଇବେ କି ?

----

## ଆୟୋଗର ଉଲଂଘନ ସମ୍ପର୍କରେ

**496 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ବିଦ୍ୟୁତ୍ ଆଇନ୍ ୨୦୦୩ ଧାରା ୬୧,୬୨,୬୪,୮୬ ଓ ୧୮୧ ଅନୁସାରେ ଆସନ୍ତା ଏକ ବର୍ଷ ପାଇଁ ବିଦ୍ୟୁତ୍ ମୂଲ୍ୟ ଧାର୍ଯ୍ୟ କରି ପ୍ରକାଶିତ କରିଥାନ୍ତି, ତେଣୁ ଧାରା ୬୨ (୬) ଅନୁସାରେ ଆସନ୍ତା ବର୍ଷ ପାଇଁ ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ ପ୍ରଣାଳୀରେ ବିଗତ କେଉଁ କେଉଁ ବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ୟୁନିଟ୍ ପିଛା ଖୁଚୁରା ବିଦ୍ୟୁତମୂଲ୍ୟ ତୁଳନାରେ ଆବଣ୍ଟନ କମ୍ପାନୀ ଗୁଡିକ ଉପଭୋକ୍ତା ମାନଙ୍କ ଠାରୁ ବାସ୍ତବରେ ୟୁନିଟ୍ ପିଛା କେତେ ଅର୍ଥ ବିଲ୍ ବାବଦକୁ ଅସୁଲ କଲେ ତାର ହିସାବ ଆୟୋଗ ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପ୍ରଣାଳୀରେ ପ୍ରାଥମିକତା ଦେବାର ନିୟମ ରହିଥିଲେ ବି ଆୟୋଗ ବର୍ଷ ବର୍ଷ ଧରି ଏହାକୁ ଉଲଘଂନ କରୁଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ ତେବେ ରାଜ୍ୟ ସରକାର ବିଦ୍ୟୁତ୍ ଉପଭୋକ୍ତା ମାନଙ୍କ ସ୍ୱାର୍ଥ ପାଇଁ କେବେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ଜନସ୍ୱାର୍ଥ ଆଧାରରେ ବିଦ୍ୟୁତ୍ ଆଇନ୍, ୨୦୦୩ ଧାରା ୧୦୮ ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତାକୁ ପ୍ରୟୋଗ କରି ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆୟୋଗଙ୍କୁ ନିର୍ଦ୍ଦେଶ ଦେବେ କି ?

----

## ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଗବେଷଣା ନିମନ୍ତେ ପଦକ୍ଷେପ

**497 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଗବେଷଣା ତଥା ଉଚ୍ଚତର ଅଧ୍ୟୟନ ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ; ରାଜ୍ୟରେ ଅନ୍ୟ ଏକ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ କେନ୍ଦୁଝରରେ ପ୍ରତିଷ୍ଠା କରିବା ପାଇଁ ମୋର ପ୍ରସ୍ତାବ ଆଧାରରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି କହିବେ କି; (ଖ) ଭୁବନେଶ୍ୱର ସ୍ଥିତ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନରେ ଅଦ୍ୟାବଧି କେତେ ଜଣ ଗବେଷକଙ୍କୁ କେଉଁ କେଉଁ ଗବେଷଣା ପାଇଁ ପି.ଏଚ୍.ଡି ଡିଗ୍ରୀ ଉପାଧି ପ୍ରଦାନ କରାଯାଇଛି; ପ୍ରତିଷ୍ଠାନରେ ଗବେଷଣାକୁ ବ୍ୟାପକ କରିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଅବଗତ କରିବେ କି ?

----

## ପୋଷାକ ସାମଗ୍ରୀର ପରିମାଣ

498 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବାର୍ଷିକ ବ୍ୟବହୃତ ଓ ରାଜ୍ୟ ବାହାରୁ ଆମଦାନୀ ହେଉଥିବା ପୋଷାକ ସାମଗ୍ରୀର ପରିମାଣ ଓ ମୂଲ୍ୟ ସଂପର୍କରେ ରାଜ୍ୟ ସରକାର ଅବଗତ ହେବାର ଆବଶ୍ୟକତା ଅଛି କି ନାହିଁ ; ଯଦି ଆବଶ୍ୟକ ଅଛି , ତେବେ ଏ ସଂପର୍କୀତ ତଥ୍ୟ ବିଭାଗ ନିକଟରେ ଉପଲବ୍ଧ ନରହିବାର କାରଣ କଣ ତାହା କହିବେ (ଖ) ରାଜ୍ୟରେ ଆବଶ୍ୟକତା ଆଧାରେ କେଉଁ କେଉଁ ଜିଲ୍ଲାରେ ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ଜିଲ୍ଲାରେ କେତେ ମୂଲ୍ୟର ପୋଷାକ ସାମଗ୍ରୀ ଉତ୍ପାଦିତ ହୋଇଅଛି ; ରାଜ୍ୟରେ ପୋଷାକ ସାମଗ୍ରୀ ଉତ୍ପାଦନ ବୃଦ୍ଧି କରି ଆଭ୍ୟନ୍ତରୀଣ ଚାହିଦା ପୂରଣ କରିବା ପାଇଁ ସରକାର ପ୍ରଣୟନ କରିଥିବା ଓଡିଶା ପୋଷାକ ନୀତି ୨୦୧୬ କାର୍ଯ୍ୟକାରୀ କରିବା ବର୍ଷରୁ ଅଦ୍ୟାବଧି କେତେ ଉଦ୍ୟୋଗୀ ରାଜ୍ୟରେ ପୋଷାକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି କେତେ ପ୍ରତିଷ୍ଠା କରିଛନ୍ତି ; ରାଜ୍ୟ ପୋଷାକ ନୀତି ପତି ଆକୃଷ୍ଟ ନହେବାର କାରଣ କ'ଣ ?

----

## ବିଭିନ୍ନ ଶିଳ୍ପରେ ହେଉଥିବା ପୁଞ୍ଜି ନିବେଶ

499 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୨୫ ସୁଦ୍ଧା ରାଜ୍ୟରେ ୨ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ମାଧ୍ୟମରେ ଅତିକମରେ ୩୦ ଲକ୍ଷ ନିଯୁକ୍ତି ସୁଯୋଗ ଆଧାରରେ କେଉଁ କେଉଁ ବର୍ଷରେ କେଉଁ କେଉଁ ଶିଳ୍ପରେ କେତେ ପୁଞ୍ଜି ନିବେଶ ହୋଇଛି ଓ କେତେ ନିଯୁକ୍ତି ସୃଷ୍ଟି ହୋଇଛି ତାର ବିବରଣୀ ପ୍ରଦାନ କରିବେ କି; ଧାର୍ଯ୍ୟଲକ୍ଷ୍ୟ ମୁତାବକ ନିଯୁକ୍ତି ସୃଷ୍ଟି ନହେବାର ପ୍ରମୁଖ କାରଣ କ'ଣ ତାର ଉଚ୍ଚସ୍ତରୀୟ ସମୀକ୍ଷା / ଅନୁଧ୍ୟାନ କେଉଁ କେଉଁ ସ୍ତରରେ କେବେ କରାଯାଇଛି ଓ ସେହି ସମୀକ୍ଷାରୁ କି କି ନିର୍ଯ୍ୟାସ ମିଳିଛି; ନିର୍ଯ୍ୟାସ ଆଧାରରେ କଣ ପଦକ୍ଷେପ ଦିଆଯାଇଛି ତାହା କହିବେ କି ?

----

## ଲୋ-ଭୋଲଟେଜ ସମସ୍ୟା ଦୂରୀକରଣ ପାଇଁ ପଦକ୍ଷେପ

500 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଲୋଭୋଲଟେଜ୍ ସମସ୍ୟା ସହ ଗ୍ରାହକମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର କେଉଁ କେଉଁ ଯୋଜନା ମାଧ୍ୟମରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ତାହା ପ୍ରକାଶ କରିବେ କି ; କେଉଁ କେଉଁ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢୀକରଣ କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ କେଉଁ କେଉଁ ନିଜସ୍ୱ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ବିତରଣ ଭିତ୍ତିଭୂମି ସୁଦୃଢୀକରଣ କରାଯାଉଛି ତାହା ପ୍ରକାଶ କରିବେ କି ?

----

## ଗ୍ରୀଡକୋ ପାଞ୍ଚ ବର୍ଷୀୟ ବିଦ୍ୟୁତ କ୍ରୟ ଯୋଜନା

501 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗ୍ରୀଡକୋ ପାଇକାରୀ ବିଦ୍ୟୁତ୍ ମୂଲ୍ୟ ଧାର୍ଯ୍ୟ କରି ଏହାକୁ ଆୟୋଗଙ୍କ ନିକଟରେ ଅନୁମୋଦନ ପାଇଁ ଆବେଦନ କରୁଥିବା ବେଳେ ଆୟୋଗ ଏହାକୁ ଅନୁମୋଦନ କରୁଛନ୍ତି, ସେହିପରି ବିଦ୍ୟୁତ୍ ଆଇନ୍ ଓ ନୀତି ଅନୁସାରେ ଗ୍ରୀଡ୍‌କୋର ପାଞ୍ଚ ବର୍ଷୀୟ ବିଦ୍ୟୁତ୍ କ୍ରୟ ଯୋଜନା ପ୍ରସ୍ତୁତ କରି ଓଇଆରସିଙ୍କ ଦ୍ୱାରା ଏହାକୁ ଅନୁମୋଦନ କରିବାର ପ୍ରାବଧାନ ରହିଛି କି, ଯଦି ହଁ ତେବେ କେଉଁ କାରଣରୁ ଏହାକୁ ଅନୁମୋଦନ ଦିଆଯାଉନାହିଁ , ଗ୍ରୀଡ୍‌କୋର ପାଞ୍ଚ ବର୍ଷୀୟ ବିଦ୍ୟୁତ୍ କ୍ରୟ ଯୋଜନା ପ୍ରସ୍ତୁତ ନହେଲେ ଆବଣ୍ଟନ କମ୍ପାନୀ ଗୁଡିକର ପାଞ୍ଚ ବର୍ଷୀୟ ବ୍ୟବସାୟୀକ ଯୋଜନା ଅନୁମୋଦନ ହୋଇପାରିବ ନାହିଁ, ଏହା ସତ୍ୟ କି, ଯଦି ହଁ ତେବେ ସରକାର ଗ୍ରୀଡକୋ ପାଞ୍ଚ ବର୍ଷୀୟ ବିଦ୍ୟୁତ୍ କ୍ରୟ ଯୋଜନା ଓ ଆବଣ୍ଟନ କମ୍ପାନୀ ମାନଙ୍କ ପାଞ୍ଚ ବର୍ଷୀୟ ବ୍ୟବସାୟୀକ ଯୋଜନା ପ୍ରସ୍ତୁତ କରିବା ପାଇଁ କେବେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଜଣାଇବେ କି ?

----

## ବିଦ୍ୟୁତ ଆବଣ୍ଟନ ଓ ପରିବହନ ଭିତ୍ତିଭୂମିକ ସମତୁଲ କରିବା ପାଇଁ ପଦକ୍ଷେପ

502 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ମଜବୁତ କରିବା ଲକ୍ଷ୍ୟରେ ଆବଣ୍ଟନ କମ୍ପାନୀ ଗୁଡିକ ଅତିରିକ୍ତ ପୁଞ୍ଜିନିବେଶ କରିବା ପାଇଁ ଆୟୋଗଙ୍କ ନିକଟରେ ଯେଉଁ ଦରଖାସ୍ତ ଦାଖଲ କରୁଛନ୍ତି, ସେଥିରେ ଓପିଟିସିଏଲ୍ (ଓଡିଶା ବିଦ୍ୟୁତ୍ ପରିବହନ ନିଗମ)ର ସହମତି ନରହିବା କାରଣରୁ ଆବଣ୍ଟନ ଭିତ୍ତିଭୂମି ସହିତ ପରିବହନ ଭିତ୍ତିଭୂମିର ସମ୍ପର୍କର ଦୁର୍ବଳ ହେବା ସହ ପୁଞ୍ଜିନିବେଶ କ୍ଷେତ୍ରରେ ଏହାର ପ୍ରଭାବ ପଡୁଥିବାର ଓଇଆରସିଙ୍କ ବିଜିନେସ୍ ପ୍ଲାନ୍ ଆଦେଶ ୧୪.୦୯.୨୦୨୩ (କେସ୍ ନମ୍ବର ୪୩ ରୁ ୪୬ / ୨୦୨୩) ରୁ ସ୍ପଷ୍ଟ ହେବା ଜାଣନ୍ତି କି, ଯଦି ହଁ ତେବେ ଆବଣ୍ଟନ ଓ ପରିବହନ ଭିତ୍ତିଭୂମିକୁ ସମତୁଲ କରିବା ପାଇଁ କେବେ, କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିବେ କି ?

----

## ଫାର୍ମାସିଉଟିକାଲ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା

503 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ଫାର୍ମାସିଉଟିକାଲ୍ ପଲିସି ପ୍ରଣୟନ ବର୍ଷ ଅଦ୍ୟାବଧି କେଉଁ କେଉଁ ବର୍ଷରେ କେତେଗୋଟି ଫାର୍ମାସିଉଟିକାଲ୍ ଇଣ୍ଡଷ୍ଟ୍ରି କେତେ ପୁଞ୍ଜି ବିନିଯୋଗରେ କେଉଁ କେଉଁ ଠାରେ ପ୍ରତିଷ୍ଠା ହୋଇଛି, କେଉଁ କେଉଁ କମ୍ପାନୀ / ସଂସ୍ଥା ଫାର୍ମାସିଉଟିକାଲ ଇଣ୍ଡଷ୍ଟ୍ରି ସ୍ଥାପନ କରିବା ପାଇଁ ଆଗ୍ରହ ପ୍ରସ୍ତାବ ଦାଖଲ କରିଛନ୍ତି ତାହା କହିବେ କି, ରାଜ୍ୟରେ ଅଦ୍ୟାବଧି କେତେଗୋଟି ଫାର୍ମାସିଉଟିକାଲ୍ ଇଣ୍ଡଷ୍ଟ୍ରି କେଉଁ କେଉଁ ଜିଲ୍ଲାରେ ସ୍ଥାପିତ ହୋଇଛି , ଏବଂ ସେଥିରେ କେତେ କର୍ମନିଯୁକ୍ତି ସୃଷ୍ଟି ହୋଇଛି, (ଖ) ଓଡିଶାରେ ଫାର୍ମାସିଉଟିକାଲ୍ ଇଣ୍ଡଷ୍ଟି ପ୍ରତିଷ୍ଠା ନିମନ୍ତେ କି କି ସୁବିଧାସୁଯୋଗ ଓ ଭିତ୍ତିଭୂମି ରହିଛି ତାହା କହିବା ସହ ଓଡିଶା ସରକାରଙ୍କ ଫାର୍ମାସିଉଟିକାଲ୍ ପଲିସି ପ୍ରତି ଉଦ୍ୟୋଗୀ ମାନେ ଆକୃଷ୍ଟ ନହେବାର କାରଣ କ'ଣ କହିବେ କି ?

----

## କପାକୁ ମୂଲ୍ୟଯୁକ୍ତ କରି ବ୍ୟବହାର

504 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ ସମୁଦାୟ ଉତ୍ପାଦିତ କପା ମଧ୍ୟରୁ କେତେ ପରିମାଣରେ କପାରୁ ମୂଲ୍ୟଯୁକ୍ତ କରି ରାଜ୍ୟ ମଧ୍ୟରେ ବ୍ୟବହାର କରାଯାଉଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, କେଉଁ କେଉଁ ଜିଲ୍ଲାରୁ କେତେ ପରିମାଣର କପା ରାଜ୍ୟ ବାହାରକୁ ଯାଉଛି, ସମୁଦାୟ ଉତ୍ପାଦିତ କପା ମଧ୍ୟରୁ କେତେ ପରିମାଣର କପା ସରକାରୀ ଓ ବେସରକାରୀ ସ୍ତରରେ ଚାଷୀଙ୍କ ଠାରୁ କ୍ରୟ କରାଯାଉଛି ତାହା ପ୍ରକାଶ କରିବେ କି ?

----

## ବନ୍ଦ ହୋଇଥିବା ସରକାରୀ ଉଦ୍ୟୋଗର ସୁରକ୍ଷା

505 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବନ୍ଦ ହୋଇଥିବା ସରକାରୀ ଉଦ୍ୟୋଗର ସୁରକ୍ଷା ତଥା ଜଗାରଖା ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇଛି, କେଉଁ କେଉଁ ବନ୍ଦ ଥିବା ଉଦ୍ୟୋଗର ଜଗାରଖା ଏବଂ ସୁରକ୍ଷା ନିମନ୍ତେ କେଉଁ କେଉଁ ବର୍ଷରୁ କେତେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି ଓ ସେ ବାବଦରେ ବାର୍ଷିକ କେତେ କେତେ ଅର୍ଥ ବ୍ୟୟ କରାଯାଉଛି ତାର ଉଦ୍ୟୋଗୱାରୀ ବିବରଣୀ ପ୍ରଦାନ କରିବେ କି, ବନ୍ଦ ଥିବା କେଉଁ କେଉଁ ଉଦ୍ୟୋଗର କେତେ ମୂଲ୍ୟର ସମ୍ପତ୍ତି ରହି ଥିବାର ଆକଳନ କେବେ କରାଯାଇଥିଲା, ସଂପ୍ରତି ଏହାର ମୂଲ୍ୟ କେତେ ତାହା ପ୍ରକାଶ କରିବା ସହ ଅଚଳ ତଥା ବନ୍ଦ ଉଦ୍ୟୋଗ ଗୁଡିକର ଭବିଷ୍ୟତ ପନ୍ଥା ସମ୍ପର୍କରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ କଣ କରିବାକୁ ଯାଉଛନ୍ତି ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ଘରୋଇ ମାଲିକାନାର ସମ୍ପତ୍ତି ବିମୁଦ୍ରୀକରଣ

506 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓପିଟିସିଏଲ ଅଧୀନରେ ଥିବା ଗ୍ରୀଡ ସବଷ୍ଟେସନ ଓ ଲାଇନ ଗୁଡିକର ମାଲିକାନା ଗୁଡ଼ିକର ଘରୋଇ ମାଲିକାନାକୁ ସମ୍ପତ୍ତି ବିମୁଦ୍ରୀକରଣ (Asset Monetization) ମାଧ୍ୟମରେ ହସ୍ତାନ୍ତର ପାଇଁ କେବେ କି ନୀତି ନିର୍ଦ୍ଧାରଣ ହୋଇଛି ଓ ଏହା ଦ୍ଵାରା ଓପିଟିସିଏଲର କଣ ଲାଭ ବା ସୁବିଧା ହେବ, ଓ ଟ୍ରାନ୍ସମିସନ୍ ଶୁଳ୍କ (transmission tarif) ଉପରେ କଣ ପ୍ରଭାବ ପଡ଼ିବ ?

----

## ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ନିୟମ ଉଲଙ୍ଘନ

507 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ବିଦ୍ୟୁତ୍ ନୀତି ୨୦୦୬ ଓ ୨୦୧୬ ଅନୁସାରେ ପ୍ରାରମ୍ଭିକ ଭାବେ ଅତିକମରେ ତିନି ବର୍ଷ ଓ ତାପରେ ପାଞ୍ଚ ବର୍ଷ ପାଇଁ ବ୍ୟବସାୟୀକ ଯୋଜନା ସହ ପୁଞ୍ଜିନିବେଶ ଯୋଜନା ପ୍ରସ୍ତୁତ ହେବାର ନିୟମ ରହିଥିଲେ ମଧ୍ୟ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏହି ନିୟମକୁ ଉଲଘଂନ କରି ଏକ ବର୍ଷୀୟ କିମ୍ବା ଦୁଇ ବର୍ଷୀୟ ଯୋଜନାକୁ ଗ୍ରହଣ କରି ଅନୁମୋଦନ କରୁଥିବା ଅବଗତ ଅଛନ୍ତି କି, ଯଦି ହଁ ତେବେ ବିଦ୍ୟୁତ୍ କ୍ଷେତ୍ର ବିକାଶରେ ଏହା ପ୍ରଭାବ ପଡୁନାହିଁ କି, ଜାତୀୟ ବିଦ୍ୟୁତ୍ ନୀତି ଅନୁସାରେ ତିନି ବର୍ଷ କିମ୍ବା ପାଞ୍ଚ ବର୍ଷ ପାଇଁ ବ୍ୟବସାୟୀକ ଯୋଜନାକୁ ଅନୁମୋଦନ ଦେବା ସହ ଜନସ୍ୱାର୍ଥ ସମସ୍ୟାର ସମାଧାନ ପାଇଁ କି ନୀତିଗତ ନିଷ୍ପତ୍ତି ଗ୍ରହଣ କରିବେ କି ?

----

## ଆସିଥିବା ପୁଞ୍ଜିର ପରିମାଣ

508 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୁମ୍ବାଇ ଓ ବେଙ୍ଗାଲୁରୁ ମେକ୍ ଇନ୍ ଇଣ୍ଡିଆ ଓ ଅନ୍ୟାନ୍ୟ କେଉଁ ରାଜ୍ୟ ଏବଂ କେଉଁ ବିଦେଶ ରାଷ୍ଟ୍ରରେ ଆୟୋଜିତ ପୁଞ୍ଜି ନିବେଶ ସମ୍ମିଳନୀରେ ଓଡିଶାରେ କେତେ ପୁଞ୍ଜି ନିବେଶର ପ୍ରତିଶୃତି ମିଳିଥିଲା ଏବଂ ସଂପୃକ୍ତ ପ୍ରସ୍ତାବ ତଥା ପୁଞ୍ଜି ନିବେଶ ପ୍ରତିଶୃତି ଅନୁଯାୟୀ ବାସ୍ତବରେ କେତେ ପୁଞ୍ଜି ଆସିଅଛି ତାର ଏକ ବିବରଣୀ ପ୍ରଦାନ କରିବେ କି, ପ୍ରତିଶୃତିର ବାସ୍ତବତାର ରୂପ ନେବାରେ କି କି ପ୍ରତିବନ୍ଧକ / ସମସ୍ୟା ଯୋଗୁ କାର୍ଯ୍ୟକାରୀ ହୋଇପାରିନାହିଁ ତାହା କହିବେ କି ?

----

## ଶିଳ୍ପ ସଂସ୍ଥାର ପୁଞ୍ଜି ବିନିଯୋଗର ପରିମାଣ

509 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜିନ୍ଦଲ ଗ୍ରୁପ୍, ଏସ୍.ଆର୍. ଗ୍ରୁପ୍, ନିପନ ଷ୍ଟିଲ୍ ସମେତ ଅନ୍ୟ କେଉଁ କେଉଁ ଶିଳ୍ପ ସଂସ୍ଥା କେନ୍ଦୁଝର, କେନ୍ଦ୍ରାପଡା, ଜଗତସିଂହପୁର ଜିଲ୍ଲା ସମେତ ଅନ୍ୟ କେଉଁ କେଉଁ ଠାରେ କେଉଁ କେଉଁ କମ୍ପାନୀ ଇସ୍ପାତ ଓ ଅନ୍ୟାନ୍ୟ କି କି ବୃହତ୍ତ ଶିଳ୍ପ କେତେ ପୁଞ୍ଜି ନିବେଶରେ କେତେ କର୍ମ ସଂସ୍ଥାନ ସୃଷ୍ଟି କେବେ ସୁଦ୍ଧା ପ୍ରକଳ୍ପ ସ୍ଥାପନ କରି କେବେ ସୁଦ୍ଧା କାର୍ଯ୍ୟକ୍ଷମ ପାଇଁ ପ୍ରତିଶୃତି ଦେଇଥିଲେ, ଓ କେବେ ସରକାରଙ୍କୁ ଆବେଦନ କରିଥିଲେ, ସଂପୃକ୍ତ କେଉଁ ଶିଳ୍ପ ସଂସ୍ଥା ଅଦ୍ୟାବଧି କେତେ ପୁଞ୍ଜି ବିନିଯୋଗ କରିଛନ୍ତି କେତେ ନିଯୁକ୍ତି ପ୍ରଦାନ କରିଛନ୍ତି, କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ କେଉଁ କାରଣରୁ ବିଳମ୍ବିତ ହେଉଅଛି, ସଂପୃକ୍ତ ଶିଳ୍ପ ସଂସ୍ଥା ମାନଙ୍କର ସାଂପ୍ରତିକ ସ୍ଥିତାବସ୍ଥା ପୁଞ୍ଜି ବିନିଯୋଗ ଓ ନିଯୁକ୍ତି ସଂପର୍କୀତ ତଥ୍ୟ ପ୍ରଦାନ କରିବେ କି ?

----

## ୪୦୦ ମେଗାୱାଟ ଶସ୍ତା ବିଦ୍ୟୁତ୍ ହାତଛଡା କରିବାର କାରଣ

510 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ର ସରକାରଙ୍କ ନିୟମାବଳୀ ଅନୁଯାୟୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ NLCIL ର ପ୍ରସ୍ତାବିତ ୩200 ମେଗାୱାଟ୍ କ୍ଷମତାବିଶିଷ୍ଟ ତାପଜ ବିଦ୍ୟୁତ କେନ୍ଦ୍ରରୁ ଓଡିଶା ୧୨00 ମେଗାୱାଟ୍ ପାଇବାକୁ ହକଦାର ଏପରିସ୍ଥଳେ ରାଜ୍ୟର କେଉଁ ମହତ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଗ୍ରାଡକୋ ସେଠାରୁ ୪00 ମେଗାୱାଟ୍ ଆଣିବାକୁ ଚୁକ୍ତି (PPA) କରି ୪00 ମେଗାୱାଟ୍ ଶସ୍ତା ବିଦ୍ୟୁତ୍ ହତଛଡା କଲା ତାହାର ରହସ୍ୟ ଉନ୍ମଚନ କରିବେ କି ?

----

## ବିଚାରାଧିନ ମାମଲା ସମ୍ପର୍କରେ

511 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପାରିବାରିକ ହିଂସା ପ୍ରତାରଣା, ଯୌତୁକ ନିର୍ଯ୍ୟାତନା ଆଦି ମାମଲାରେ କେଉଁ ଜିଲ୍ଲାରେ କେତେ ମହିଳା ସ୍ଥାନୀୟ ପ୍ରଶାସନ, ଥାନାରୁ ନ୍ୟାୟ ନପାଇ ରାଜ୍ୟ ମହିଳା କମିସନଙ୍କ ନିକଟରେ ଫେରାଦ୍ ହୋଇଛନ୍ତି ସେଥିରୁ କେତେ ମାମଲାରେ କମିସନ୍ ବିଚାର ଶେଷ କରି ରାୟ ଦେଇଛନ୍ତି ଓ କେତେ ମାମଲା ବିଚାରାଧୀନ ଅଛି ଗତ 5 ବର୍ଷର ସୂଚନା ଦେବେ କି ?

----

## ଶିଳ୍ପ ସଂସ୍ଥାରେ ନିଯୁକ୍ତି ସମ୍ପର୍କର

512 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଉତ୍ପାଦନକ୍ଷମ ବୃହତ ଶିଳ୍ପ ସଂସ୍ଥା ଗୁଡିକର ମୋଟ ନିବେଶ କେତେ ଏବଂ ରାଜ୍ୟର ମୋଟ ଆଭ୍ୟନ୍ତରୀଣ ଉତ୍ପାଦ (GSDP) ରୁ ସେମାନଙ୍କ ଅବଦାନ କେତେ ପ୍ରତିଶତ ସ୍ୱାକ୍ଷରିତ ବୁଝାବଣା ପତ୍ର ଅନୁଯାୟୀ ସଂମ୍ପୃକ୍ତ ଶିଳ୍ପ ସଂସ୍ଥାରେ ପ୍ରତ୍ୟକ ନିଯୁକ୍ତି ସମ୍ଭାବନା କେତେ ଥିଲା ଓ ସେଥିରୁ ରାଜ୍ୟର କେତେ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇଛନ୍ତି ଶିଳ୍ପୱାରୀ ବିବରଣୀ ଦେବେ କି ?

----

## ଚୁକ୍ତି ଖିଲାପ କାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

513 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସ୍ଥାପିତ ସ୍ୱାଧୀନ୍ ବିଦ୍ୟୁତ ଉତ୍ପାଦନ କାରୀ ସଂସ୍ଥା (IPP) ଗୁଡିକରୁ ରାଜ୍ୟ କ୍ୱୋଟା ବାବଦରେ କେତେ ବିଦ୍ୟୁତ ଆଣିବାକୁ ଗ୍ରୀଡକୋ ସହ ଚୁକ୍ତି (PPA) ସ୍ୱାକ୍ଷର ହୋଇଛି ଓ ପ୍ରକୃତରେ କେତେ ମିଳୁଛି ଗତ 10 ବର୍ଷର ତଥ୍ୟ ଦେବା ସହ ଚୁକ୍ତି ଖିଲାପକାରୀ ସଂସ୍ଥାଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି ?

----

## ଅଚଳ ସାଧାରଣ ଉଦ୍ୟୋଗ ସଂଖ୍ୟା

514 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେତୋଟି ସାଧାରଣ ଉଦ୍ୟୋଗ ଅଚଳ ଅବସ୍ଥାରେ ଅଛି, ତାହାର ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଋଣ ପ୍ରଦାନ

515 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାର କେତେଗୋଟି ସ୍ୱୟଂ ସହାୟକ ଗୋଷ୍ଠିକୁ କେତେ ଋଣ ଓ ସହାୟତା ଯୋଗାଇ ଦିଆଯାଇଛି ?

----

## ପି.ଏମ୍.ଇ.ଜି.ପି ଋଣ ପ୍ରଦାନ

516 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେଜଣଙ୍କୁ ପି.ଏମ୍.ଇ.ଜି.ପି ଋଣ ଓ ସବସିଡି ପ୍ରଦାନ କରାଯାଇଛି, ତାହାର ତାଲିକା ପ୍ରଦାନ କରିବେ କି ?

----

## ଗୋବର ଗ୍ୟାସ ପ୍ଲାଣ୍ଟ ଯୋଗାଣ

517 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ କେଉଁ ବ୍ଲକରେ କେତେ ପରିବାରକୁ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ଗୋବର ଗ୍ୟାସ୍ ପ୍ଲାଣ୍ଟ ସୁବିଧା ଯୋଗାଇ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ପ୍ରକଳ୍ପର ବର୍ତ୍ତମାନ ସ୍ଥିତି

518 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ଶିଳ୍ପଗୋଷ୍ଠୀ ଶିଳ୍ପାୟନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି ଓ ସେହି ପ୍ରକଳ୍ପର ବର୍ତ୍ତମାନ ସ୍ଥିତି କଣ ଅବଗତ କରିବେ କି ?

----

## ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ପଦକ୍ଷେପ

519 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେଜଣ ଅନ୍ଧ, ମୂକ, ବଧିର ଓ ମାନସିକ ଅନଗ୍ରସର ଚିହ୍ନଟ ହୋଇଛନ୍ତି, ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ସେମାନଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଳତନ୍ତ ମାଧ୍ୟମରେ ନିଯୁକ୍ତି

520 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁଠାରେ କେତୋଟି କଳତନ୍ତ ସ୍ଥାପିତ ହୋଇଛି ଓ ଏହା ମାଧ୍ୟମରେ କେତେ ଲୋକ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି ?

----

## ଅକ୍ଷୟଶକ୍ତିର ଭିତ୍ତିଭୂମି ଉନ୍ନୟନ

521 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ରାଜ୍ୟରେ ଶକ୍ତି ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଲୁଗା କଳ ଓ ସୂତା କଳ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ

522 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରର ଓଡିଶା ଟେକ୍ସଟାଇଲ ମିଲ୍ ସମେତ ରାଜ୍ୟରେ କେତୋଟି ଲୁଗାକଳ ଓ ସୂତାକଳ କେବେ ପ୍ରତିଷ୍ଠା କରାଯାଇଥିଲା, ଏହି ଲୁଗା କଳ ଓ ସୂତାକଳ ଗୁଡିକ ମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ଅଛି ଓ ଆଉ କେତୋଟି କେବେଠାରୁ ବନ୍ଦ ହୋଇ ରହିଛି, OTM ସମେତ ବନ୍ଦ ହୋଇ ରହିଥିବା ଲୁଗା କଳ ଓ ସୂତା କଳ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କର କ'ଣ ସବୁ ଯୋଜନା ରହିଛି ?

----

## ଆର୍ଥିକ ସହାୟତା ସମ୍ପର୍କରେ

523 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖଦି ଓ ଗ୍ରାମଦ୍ୟୋଗ ଶିଳ୍ପର ବିକାଶ ପାଇଁ ପାଞ୍ଚ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓ ଖଦି କମିଶନ କେତେ ପରିମାଣର ଆର୍ଥିକ ସହାୟତା ଓଡିଶାକୁ ଦେଇଛନ୍ତି ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏ ବାବଦରେ କେତେ ଅର୍ଥ ବରାଦ କରିଛନ୍ତି, ଓଡିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ମାଧ୍ୟମରେ ଗତ ପାଞ୍ଚବର୍ଷ ଭିତରେ ରାଜ୍ୟରେ କେତେ ସୂତା କଟାଯାଇଛି, କେତେ କପଡା ବୁଣାଯାଇଛି ଏବଂ କେତେ କପଡା ବିକ୍ରି ହୋଇଛି ତାହାର ଏକ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର

524 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଗତ ଦଶ ବର୍ଷ ମଧ୍ୟରେ କେତେ ସଂସ୍ଥା ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ଏବଂ ଏମାନେ କେତେ ପୁଞ୍ଜି ବିନିଯୋଗ କରିବା ପାଇଁ ଘୋଷଣା କରିଥିଲେ, ଏମାନଙ୍କ ମଧ୍ୟରୁ କେଉଁ କେଉଁ ସଂସ୍ଥା ପ୍ରକଳ୍ପ କାମ ଆରମ୍ଭ କରିନାହାନ୍ତି ଓ କେଉଁମାନେ ପ୍ରକଳ୍ପ ଛାଡି ଦେଇଛନ୍ତି ସେମାନଙ୍କର ତାଲିକା ପ୍ରଦାନ କରିବେ କି ?

----

## ବିଜୁଳି ଉତ୍ପାଦନର ପରିମାଣ

525 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ଏବେ କେତେ ପରିମାଣରେ ବିଜୁଳି ଉତ୍ପାଦନ ହେଉଛି ଓ ରାଜ୍ୟର ବିଜୁଳି ଚାହିଦା ଏବେ କେତେ ରହିଛି, ଓଡିଶା କେଉଁ କେଉଁ ରାଜ୍ୟକୁ ୟୁନିଟ ପିଛା କେତେ ଦରରେ ବିଜୁଳି ବିକ୍ରି କରୁଛି ଓ କେଉଁ କେଉଁ ରାଜ୍ୟରୁ ୟୁନିଟ୍ ପିଛା କେତେ ଦରରେ ବିଜୁଳି ଖରିଦ କରୁଛି ତାହା ଜଣାଇବେ କି, ଓଡିଶାରୁ ଉତ୍ପାଦିତ ବିଜୁଳି ମଧ୍ୟରୁ କେଉଁ ଉତ୍ସରୁ କେତେ ପରିମାଣର ବିଜୁଳି ଉତ୍ପାଦିତ ହେଉଛି ଓ ଏହାର ୟୁନିଟ୍ ପିଛା ଦର କେତେ ରହିଛି ତାର ବିବରଣୀ ପ୍ରଦାନ କରିବେ କି ?

----

## ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବାକୁ ପଦକ୍ଷେପ

526 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୟାଗଡ ଜିଲ୍ଲାର 60 ପ୍ରତିଶତରୁ ଉର୍ଦ୍ଧ ଭିନ୍ନକ୍ଷମ ବ୍ୟକ୍ତି ଯେଉଁମାନେ କୌଣସି ସରକାରୀ ଚାକିରୀ କରିନଥିବେ ସେମାନଙ୍କୁ ଅର୍ନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବାର ବ୍ୟବସ୍ଥା କରିବେ କି, ତତ୍ ସହିତ ସ୍ୱାମୀ ପରିତ୍ୟକ୍ତା, HIV Leprosy ଆକ୍ରାନ୍ତ, widow with distress, ଅବିବାହିତ ମହିଳା with disability and distress ମାନେ ଯେଉଁମାନେ ଗ୍ରାମ ସଭାରେ ଗ୍ରହିତ ହୋଇପାରିନାହାନ୍ତି ସେହିମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ଗ୍ରହିତ କରିବା ପାଇଁ ସ୍ଥାନୀୟ BDO ମାନଙ୍କୁ ଦାୟୀତ୍ୱ ଦେଇ ଏହି ମାନଙ୍କ ଅନ୍ତଦୋୟ ଯୋଜନାରେ ଅନ୍ତର୍ଭୁକ୍ତ କରିବାରେ ବ୍ୟବସ୍ଥା କରିବେ କି ?

----

## Prepaid ବ୍ୟବସ୍ଥା ଲାଗୁ କରିବାକୁ ପଦକ୍ଷେପ

527 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ପାଇଁ Tata Company କୁ ହସ୍ତାନ୍ତର ପରେ Tata Company ଦ୍ୱାରା digital metre ସହ post paid ଦ୍ୱାରା ବିଦ୍ୟୁତ୍ ଦେୟ ଆଦାୟ ହେତୁ ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କର ଅସନ୍ତୋଷର କାରଣ ହୋଇଛି, ଏହି post paid ବ୍ୟବସ୍ଥାକୁ ଉଚ୍ଛେଦ କରି ପୁର୍ବପରି prepaid ବ୍ୟବସ୍ଥା ଲାଗୁ କରିବାର ବ୍ୟବସ୍ଥା କରିବେ କି ?

----

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ

528 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ː**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୟାଗଡ ଜିଲ୍ଲାରେ ଏକ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବୁଣାକାରଙ୍କୁ ସବସିଡି ପ୍ରଦାନ

529 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା )ː**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପାରମ୍ପରିକ ବସ୍ତ୍ର ଯଥା ଝାଲ ଶାଢୀ ଫୁଟା କାଚା, ଗାମୁଛା ଶାଢୀ, ଟସର ଶାଢୀ ପ୍ରସ୍ତୁତ କରୁଥିବା ବୁଣାକାର ମାନଙ୍କ ନାମ ବ୍ଲକୱାରୀ ପ୍ରଦାନ କରିବେ କି, ଉପରୋକ୍ତ ବୁଣାକାର ମାନଙ୍କୁ ସବସିଡି ଆକାର ଋଣ ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ସାନ୍ତାଳି ଭାଷାରେ ପଢାଇବା ପାଇଁ ପଦକ୍ଷେପ

530 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା )ː**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମ୍ବିଧାନ ସ୍ୱୀକୃତୀ ସାନ୍ତାଳୀ ଭାଷା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପ୍ରଚଳିତ ହୋଇଥିଲେ ମଧ୍ୟ କେତେକ ଅଙ୍ଗନୱାଡି କେନ୍ଦ୍ରରେ ସାନ୍ତାଳୀ ଭାଷାରେ ପଢାଯାଉନଥିବା ଖବର ସରକାର ଜାଣନ୍ତି କି, ସାନ୍ତାଳୀ ଭାଷା ପ୍ରଚଳିତ ହୋଇଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସରପ୍ରାଇଜ ପରିଦର୍ଶନ କରି ସାନ୍ତାଳୀ ଭାଷାରେ ପଢିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଲାଭ/ କ୍ଷତିରେ ଚାଲୁଥିବା Public Enterprise

531 **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ସରକାରଙ୍କ ନିୟୋନ୍ତ୍ରଣାଧୀନ କେତେଗୋଟି ଏବଂ କେଉଁ କେଉଁ Public Enterprise ଅଛି ଏବଂ ତାହାର ଅଧ୍ୟକ୍ଷ ଭାର କାହାକୁ ଦାୟୀତ୍ୱ ଦିଆଯାଇଛି, ଏଥିମଧ୍ୟରୁ କେଉଁ କେଉଁ Public Enterprises ଲାଭରେ/କ୍ଷତିରେ ଚାଲୁଅଛି, ଏଥିରେ ଚାଲୁଥିବା Public Enterprise ଗୁଡିକ କିପରି କ୍ଷତିରେ ନ ଚାଲି ଲାଭରେ ଚାଲିପାରିବ ତା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ଭତ୍ତାର ପରିମାଣ ବୃଦ୍ଧି ପାଇଁ ପଦକ୍ଷେପ

532 **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅସହାୟ, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତାର ପରିମାଣ ବୃଦ୍ଧି କରିବା ପାଇଁ ସରକାର କେବେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଘୋଷଣା କରିଛନ୍ତି, କେଉଁ ଭତ୍ତାର ପରିମାଣ କେତେ ଟଙ୍କାକୁ ବୃଦ୍ଧି କରିବାର ସରକାର ନିଷ୍ପତ୍ତି ନେବାକୁ ଯାଉଛନ୍ତି କହିବେ କି ?

----

## ମହିଳା ଶସକ୍ତିକରଣ ପାଇଁ ପଦକ୍ଷେପ

533 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି Block Mission Shakti ଗୃହ ଏପର୍ଯ୍ୟନ୍ତ ନିର୍ମାଣ ହୋଇସାରିଛି ଏବଂ କେଉଁ କେଉଁ ବ୍ଲକରେ Mission Shakti ଗୃହ ଏପର୍ଯ୍ୟନ୍ତ ତିଆରି ସରିନାହିଁ, ତିଆରି ସରିନଥିବା ଗୃହ କେବେସୁଦ୍ଧା ସରିବ, ମହିଳା ସଶକ୍ତିକରଣ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ନବରଙ୍ଗପୁରରେ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

534 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲା କେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଯୁଜ୍ୟ ରହିଛି, ସେହିପରି ନବରଙ୍ଗପୁର ଜିଲ୍ଲା କେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଯୁଜ୍ୟ ଅଟେ ଏବଂ ସରକାର ଶିଳ୍ପ ବିହୀନ ଜିଲ୍ଲା ନବରଙ୍ଗପୁର ପାଇଁ କେବେ କେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନା କରିଛନ୍ତି କହିବେ କି ?

----

## ଭତ୍ତା ବୃଦ୍ଧି ପାଇଁ ପଦକ୍ଷେପ

535 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ଅନ୍ୟ ରାଜ୍ୟ ଭଳି ଓଡିଶାର ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା 500 ଟଙ୍କାରୁ ବୃଦ୍ଧି କରି 2500 ଟଙ୍କା ପର୍ଯ୍ୟନ୍ତ କରିବେ କି, ଏତଦ୍ ବ୍ୟତୀତ ଗରିବ ଶ୍ରେଣୀର ଲୋକମାନଙ୍କ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ଅନ୍ୟାନ୍ୟ କି କି ବ୍ୟବସ୍ଥା ରାଜ୍ୟରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ଚାଲୁରହିଛି ?

----

## ବାଳାଶ୍ରମକୁ ଅନୁଦାନ ପ୍ରଦାନ

536 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ସ୍ଥାନରେ କେତୋଟି ବାଳାଶ୍ରମ ଅଛି ଓ ସେଠାରେ କେତେ ଅନ୍ତେବାସୀ ରହୁଛନ୍ତି, ଏହି ସଂସ୍ଥାକୁ ବିଗତ ତିନି ବର୍ଷରେ କେତେ ସରକାରୀ ଅନୁଦାନ ପ୍ରଦାନ କରାଯାଇଛି ?

----